


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩୧ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 31 JANUARY 2023
Vol.No. 34 ■ No. 29 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଞ୍ଚଭୂତରେ ଲୀନ ହେଲେ ନବ ଦାସ

## ଛଳଛଳ ଆଖିରେ ନେତାଙ୍କୁ ବିଦାୟ ଦେଲେ ଜନତା



ଭୁବନେଶ୍ୱର,୩୦/୦୧ (ନି.ପ୍ର): ପଞ୍ଚଭୂତରେ ଲୀନହେଲା ନବ ଦାସଙ୍କ ପାର୍ଥିବ ଶରୀର । ଛଳଛଳ ଆଖିରେ ନିଜ ନେତାଙ୍କୁ ବିଦାୟ ଦେଲେ ଜନତା । ଚାରିଆଡେ ଖାଲି ଶୋକର ଛାୟା, ନବ ଦାସଙ୍କୁ ଝୁରୁଛି ଝାରସୁଗୁଡା । ନିଜ ଜନ୍ମମାଟିର ଖେରୁଆଲରେ ନବ ଦାସଙ୍କ ଅନ୍ତିମ ସଂସ୍କାର ଶେଷ ହୋଇଛି । ନବ ଦାସଙ୍କ ଶେଷଯାତ୍ରାରେ ସାମିଲ ହୋଇଥିଲେ ହଜାର ହଜାର ଶୁଭେଚ୍ଛୁ ଓ ସମର୍ଥକ । ନବ ଦାସଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପରେ ମୁଖାଗ୍ନି ଦେଇଥିଲେ ପୁଅ, ପାଖରେ ଝିଅ ଦିପାଳି ଉପସ୍ଥିତ ଥିଲେ । ଗତକାଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପରଲୋକ ହୋଇଛି । ଭୁବନେଶ୍ୱର ଆପୋଲୋରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି । ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଆପୋଲୋ ଆଣିବା ପରେ ଅସ୍ତ୍ରୋପଚାର କରିଥିଲେ ଡାକ୍ତର ଦେବାଶିଷ ନାୟକ । ନବ ଦାସଙ୍କୁ ଗୋଟିଏ ଗୁଳି ବାଜିଥିଲା । ବାମପଟ ଛାତିରେ ଗୁଳି ଫୁଟି ପିଠିପଟେ ବାହାରି ଯାଇଥିଲା । ଫଳରେ ହାର୍ଟ ଓ ବାମପଟ ଫୁସଫୁସରେ କ୍ଷତ ହୋଇଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଅସ୍ତ୍ରୋପଚାର କରି ଡାକ୍ତର ଦେବାଶିଷ ସେହି କ୍ଷତକୁ ବନ୍ଦ କରିଦେଇଥିଲେ । ଡାକ୍ତରୀ ଦଳର ସବୁ ଉଦ୍ୟମ ସତ୍ୱେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ହାର୍ଟ କାମ କରିନଥିବା ଆପୋଲୋ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦେହାନ୍ତ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପୋଲୋ ହସ୍ପିଟାଲ ପହଂଚିଥିଲେ । ସେଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଶେଷ ଦର୍ଶନ କରିଥିଲେ ନବୀନ ପଟ୍ଟନାୟକ । ଦେହାନ୍ତ ପରେ ଆଜି ସକାଳେ ନବ ଦାସଙ୍କ ପାର୍ଥିବ ଶରୀରକୁ ଝାରସୁଗୁଡା ଅଣାଯାଇଥିଲା । ଝାରସୁଗୁଡାରେ ତାଙ୍କ ଶେଷ ଯାତ୍ରାରେ ସାମିଲ ହୋଇଥିଲେ ହଜାର ହଜାର ଜନତା । ଭାବବିହ୍ୱଳ ପରିବେଶରେ ନବ ଦାସଙ୍କ ଅନ୍ତିମ ସଂସ୍କାର ହୋଇଥିଲା । ଗତକାଲି ବ୍ରଜରାଜନଗରର ଗାନ୍ଧୀ ଛକ ନିକଟରେ ତାଙ୍କୁ ସ୍ୱାଗତ କରିବା ପାଇଁ ବିଜେଡି କର୍ମୀମାନେ ଭିଡ଼ ଜମାଇଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ତାଙ୍କ ସମର୍ଥକ ଫୁଲମାଳ ପିନ୍ଧାଇବା ବେଳେ ହଠାତ୍ ଶୁଭିଥିଲା ଗୁଳିର ଶବ୍ଦ । କେହି କିଛି ବୁଝିବା ପୂର୍ବରୁ ଛାତିରେ ହାତ ଦେଇ ପଛକୁ ଝୁଙ୍କି ପଡ଼ିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ । ସବୁଠାରୁ ବଡ କଥା ହେଲା ଗୁଳି ମାରିଥିଲେ ଫାଣ୍ଡିରେ କାର୍ଯ୍ୟରତ ପୁଲିସ ଏଏସଆଇ ଗୋପାଳ ଦାସ । ପୁଲିସ ପୋଷାକ ପିନ୍ଧିଥିଲେ, ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ସର୍ଭିସ ରିଭଲଭର ଆଣିଥିଲେ । ଯେଉଁ ରିଭଲଭରରେ ସେ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇଥାନ୍ତେ, ସେହି ରିଭରଭରରେ ମନ୍ତ୍ରୀଙ୍କ ଜୀବନ ନେବା ପାଇଁ ଚଳାଇଥିଲେ ଗୁଳି ।

# ପାକିସ୍ତାନର ମସଜିଦରେ ଆତ୍ମଘାତୀ ବିସ୍ଫୋରଣ : ୨୦ ଜଣଙ୍କ ମୃତ୍ୟୁ, ୯୦ରୁ ଅଧିକ ଆହତ



ନୂଆଦିଲ୍ଲୀ,୩୦/୦୧ : ପାକିସ୍ତାନ ପେଶାୱାରରେ ଥିବା ଏକ ମସଜିଦରେ ଆତ୍ମଘାତୀ ହମଲା ହୋଇଛି । ଏହି ଧମାକାରେ ବର୍ତ୍ତମାନ ସୁଦ୍ଧା ୨୦ ଜଣଙ୍କର ମୃତ୍ୟୁ ହାଇସାରିଥିବାବେଳେ, ୯୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ତେବେ ମିଳିଥିବା ସୂଚନା ମୁତାବକ, ଏହି ଧମାକା ଏତେ ଜୋରରେ ଥିଲା ଯେ, ପୂରା ମସଜିଦ୍ ଦୋହଲି ଯାଇଥିଲା । ପେଶାୱାରର ପୋଲିସ ଲାଇନ୍ସ ପାଖରେ ଥିବା ମସଜିଦରେ ନମାଜ ପାଠ ପରେ ଏହି ବିସ୍ଫୋରଣ ଘଟିଛି । ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି । ପେଶାୱାରର ଏଲଆରସି ହସ୍ପିଟାଲର ପ୍ରବକ୍ତା ମହମ୍ମଦ ଅସୀମଙ୍କ କହିବା ମୁତାବକ, ଏବେ ବି ଆହତମାନେ ହସ୍ପିଟାଲକୁ ଆସୁଛନ୍ତି । ସେମାନଙ୍କ ଭିତରୁ କିଛି ଲୋକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତେବେ ସେହି ଅଂଚଳକୁ ପୂରାପୂରା ଘେରାବନ୍ଦୀ କରିଦିଆଯାଇଛି । କେବଳ ଆମ୍ବୁଲାନ୍ସକୁ ଯିବା ଆସିବା ପାଇଁ ଅନୁମତି ଦିଆଯାଇଛି । ପୋଲିସ ଅଧିକାରୀ ସିକନ୍ଦର ଖାନଙ୍କ କହିବା ମୁତାବକ, କିଛି ଲୋକ ମାଟି ତଳେ ଚାପି ହୋଇଯାଇଥିବା ସୂଚନା ମିଳିଛି । ତେବେ ପାକିସ୍ତାନରେ ଏହି ବିସ୍ଫୋରଣ କିଛି ନୂଆ କଥା ନୁହେଁ । ୨୦୨୨ ମସିହା ମେ ୧୬ ତାରିଖରେ ମଧ୍ୟ ପାକିସ୍ତାନରେ ବିସ୍ଫୋରଣ ହୋଇଥିଲା । ପାକିସ୍ତାନର କରାଚିରେ ଏହି ବ୍ଲାଷ୍ଟ ହୋଇଥିଲା । ସେତେବେଳେ ଏମଏ ଜିନ୍ନା ରୋଡର ମେମନ୍ ମସଜିଦରେ ଏହି ବିସ୍ଫୋରଣ ହୋଇଥିଲା । ଏହି ଅଘଟଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା । ତା ସହିତ ୮ ଜଣ ଲୋକ ଆହତ ହୋଇଥିଲେ । ତେବେ ଏହି ଘଟଣାର କିଛି ଦିନ ପରେ ଏବେ ପାକିସ୍ତାନରେ ପୁଣି ଥରେ ଏମିତି ବିସ୍ଫୋରଣ ଘଟିଛି ।

## କଳାହାଣ୍ଡିରେ ମୃତ୍ତିକା ସଂରକ୍ଷଣ ଓଭରସିଅର ଲାଂଚ ନେଇ ଗିରଫ

ଭୁବନେଶ୍ୱର,୩୦/୦୧ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁରର ମୃତିକା ସଂରକ୍ଷଣ ଓଭରସିଅର ଦୁର୍ଯୋଧନ ଧୋବା ୩୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ମହାତ୍ମା ଗାନ୍ଧୀ ନରେଗା କାର୍ଯ୍ୟକ୍ରମର ହିତାଧିକାରୀ ମାନଙ୍କର ଅର୍ଥ ମଂଜୁର କରିବାକୁ ସେ ୩୫ ହଜାର ଟଙ୍କା ଲାଂଚ ନେଉଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ବିଭାଗର ଅଧିକାରୀ ମାନେ ତାଙ୍କ ଠାରୁ ସମ୍ପୂର୍ଣ ଲାଂଚ ଟଙ୍କାକୁ ଜବତ କରିଛନ୍ତି । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ଜାଂଚ ଆରମ୍ଭ କରାଯାଇଥିବା ବେଳେ ଆୟ ବହିର୍ଭୁତ ସମ୍ପତି ମାମଲାରେ ମଧ୍ୟ ତାଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିବା ସୂଚନା ଦିଆଯାଇଛି ।

## ବିଧାନସଭା ସଚିବଙ୍କ କାର୍ଯ୍ୟକାଳ ପୁଣି ବର୍ଷେ ବଢ଼ିଲା

ଭୁବନେଶ୍ୱର,୩୦/୦୧ (ନି.ପ୍ର): ରାଜ୍ୟ ସରକାର ଆଜି ଅବସରପ୍ରାପ୍ତ ଆଇଏଏସ୍ (ପଦୋନ୍ନତିପ୍ରାପ୍ତ) ଦାଶରଥୀ ଶତପଥୀଙ୍କ କାର୍ଯ୍ୟକାଳକୁ ପୁଣିଥରେ ଏକ ବର୍ଷ ପାଇଁ ବୃଦ୍ଧି କରିବା ପରେ ରାଜ୍ୟରେ ଯୋଗ୍ୟ ଅଫିସରଙ୍କ ଅଭାବ ରହିଥିବା ଚର୍ଚ୍ଚା ଜୋର ଧରିଛି । ରାଜ୍ୟରେ ଯୋଗ୍ୟ ଅଫିସରଙ୍କ ମରୁଡ଼ି ଦେଖାଦେଇଛି । ରାଜ୍ୟ ସରକାର ଆଜି ଅବସରପ୍ରାପ୍ତ ଆଇଏଏସ୍ (ପଦୋନ୍ନତିପ୍ରାପ୍ତ) ଦାଶରଥୀ ଶତପଥୀଙ୍କ କାର୍ଯ୍ୟକାଳକୁ ପୁଣିଥରେ ଏକ ବର୍ଷ ପାଇଁ ବୃଦ୍ଧି କରିବା ପରେ ରାଜ୍ୟରେ ଯୋଗ୍ୟ ଅଫିସରଙ୍କ ଅଭାବ ରହିଥିବା ଚର୍ଚ୍ଚା ଜୋର ଧରିଛି । ▶▶ପୃଷ୍ଠା ୭

# ପୁଲିସ ଏଏସଆଇ ଗୋପାଳ ଦାସକୁ ଗିରଫ କଲା କ୍ରାଇମବ୍ରାଂଚ

## ଏଏସ୍ଆଇ ଗୋପାଳ ଦାସ ଚାକିରୀରୁ ନିଲମ୍ବିତ



ଅଭିଯୁକ୍ତ ଗୋପାଳ ଦାସଙ୍କୁ ୭ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି

ଭୁବନେଶ୍ୱର,୩୦/୦୧ (ନି.ପ୍ର): ସ୍ୱାସ୍ଥ୍ୟ ମନ୍ତ୍ରୀ ଥିବା ନବ ଦାସ ଗୁଳି କରି ହତ୍ୟା ଘଟଣାରେ ପୁଲିସ ଏଏସଆଇ ଗୋପାଳକୃଷ୍ଣ ଦାସଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ଜଣା ପଡିଛି । ଗୋପାଳକୃଷ୍ଣ ଦାସଙ୍କୁ ଝାରସୁଗୁଡା ଏସପି ବହିଷ୍କାର କରିଛନ୍ତି । ପୁଲିସ ଏଏସଆଇ ଗୋପାଳ ଦାସଙ୍କୁ ଗିରଫ କରାଯାଇଛି ବୋଲି କ୍ରାଇମବ୍ରାଂଚ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଗତକାଲି ତାଙ୍କୁ ଅଟକ ରଖା ଯାଇଥିଲା । ଏହି ମାମଲାରେ ଅଧିକ ଜାଂଚ ପାଇଁ କ୍ରାଇମବ୍ରାଂଚ ପକ୍ଷରୁ ସୂଚନା ଦିଆଯାଇଛି । କେଉଁ କାରଣ ପାଇଁ ଗୋପାଳ ମନ୍ତ୍ରୀ ଶ୍ରୀ ଦାସଙ୍କୁ ଗୁଳି କଲେ ଓ ପୂର୍ବ ଶତ୍ରୁତା ଥିଲା କି ନାହିଁ ସେ ନେଇ ଜାଂଚ ଚାଲିଛି । ବହିଷ୍କୃତ ଏଏସଆଇ ଗୋପାଳ ଦାସଙ୍କ ପିସ୍ତଲର ବାଲିଷ୍ଟିକ୍ ପରୀକ୍ଷା ପାଇଁ ଲ୍ୟାବ୍ ପଠାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି । ଘଟଣାସ୍ଥଳକୁ ଯାଇ ଟିମ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚୁରା କରିଥିବାବେଳେ ଘଟଣାସ୍ଥଳରୁ ଗୋଟିଏ ଖୋକା ସହ ଆଉ କିଛି ଜିନିଷ ଜବତ କରାଯାଇଛି । ଗୋପାଳଙ୍କ ୯ଏମଏମ ପିସ୍ତଲ, ୩ଟି ଜୀବନ୍ତ ଗୁଳି ମଧ୍ୟ ଜବତ କରାଯାଇଛି । କ୍ରାଇମବ୍ରାଂଚର ଆଉ ଏକ ଟିମ ଭୁବନେଶ୍ୱରରେ ତଦନ୍ତ ଚଳାଇଛି । ନବ ଦାସଙ୍କ ରକ୍ତଭିଜା ପୋଷାକ ଓ ମେଡିକାଲ ରେକର୍ଡ ଜବତ କରାଯାଇଥିବାବେଳେ ପୋଷ୍ଟମର୍ଟମ କରିଥିବା ଡାକ୍ତରୀ ଟିମ ସହ ମଧ୍ୟ କ୍ରାଇମ ବ୍ରାଂଚ ଆଲୋଚନା କରିଛି । ଅଧିକ ତଦନ୍ତ ପାଇଁ ନବଙ୍କ ଭିସେରା ନମୁନା ମଧ୍ୟ ସଂରକ୍ଷିତା ରଖାଯାଇଛି ।

# ନିରଞ୍ଜନ ପୂଜାରୀ ହେଲେ ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୩୦/୦୧ (ନି.ପ୍ର): ନିରଞ୍ଜନ ପୂଜାରୀ ହେଲେ ନୂଆ ସ୍ୱାସ୍ଥ୍ୟମନ୍ତ୍ରୀ । ନବ ଦାସଙ୍କ ଦେହାନ୍ତ ପରେ ଦିଆଗଲା ଅତିରିକ୍ତ ଦାୟିତ୍ୱ, ରାଜ୍ୟପାଳଙ୍କ ସୁପାରିଶ ପରେ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏବେ ଅର୍ଥମନ୍ତ୍ରୀ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବେ ନିରଞ୍ଜନ । ଗତକାଲି ପୋଲିସ ଏଏସଆଇଙ୍କ ଗୁଳିମାଡରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କର ଦେହାନ୍ତ ହୋଇଥିଲା । ଏସବୁ ଭିତରେ ନବ ଦାସଙ୍କୁ ଗୁଳିମାଡ ଘଟଣାର କାରଣ ଖୋଜୁଛି କ୍ରାଇମବ୍ରାଂଚ । ଗତକାଲି ରାତିରେ ପାଖାପାଖି ୨ ଘଂଟା ଏଏସଆଇ ଗୋପାଳକୃଷ୍ଣ ଦାସଙ୍କୁ ଜେରା କରିଛି କ୍ରାଇମବ୍ରାଞ୍ଚ । ଏଡିଜି ଅରୁଣ ବୋଥ୍ରା ଗୋପାଳ ଦାସଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି । ଗୋପାଳଙ୍କ ହ୍ୟାଣ୍ଡ ସ୍ୱାବ ନିଆଯାଇଛି । ଏହା ସହ ସେ ପିନ୍ଧିଥିବା ପୋଲିସ ପୋଷାକକୁ ମଧ୍ୟ ନେଇଛି କ୍ରାଇମବ୍ରାଂଚ । ଅନ୍ୟପଟେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳି ମାରି ହତ୍ୟା ଘଟଣାରେ ସିବିଆଇ ତଦନ୍ତ ଦାବି କରିଛି ବିଜେପି । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଏହି ଘଟଣାରେ ମୁଁ ବହୁତ ମର୍ମାହତ । ଯେଉଁମାନେ ସୁରକ୍ଷା ଦାୟିତ୍ୱରେ ରହିବା କଥା ସେମାନଙ୍କ ଦ୍ୱାରା ହତ୍ୟା ହୋଇଛି । ଏହା ଏକ ଷଡଯନ୍ତ୍ର ହୋଇପାରେ ବୋଲି କହିଛନ୍ତି ଜୟନାରାୟଣ । କ୍ରାଇମବ୍ରାଞ୍ଚ ତଦନ୍ତରେ ଆମେ ସନ୍ତୁଷ୍ଟ ନୁହଁ । ଏହି ଘଟଣାରେ ସିବିଆଇ କିମ୍ବା ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ହେଉ । ପୋଲିସକୁ ପାଗଳ ଘୋଷଣା କରିବେ ବୋଲି ମୁଁ ଆଗରୁ କହିଥିଲି । ଯଦି ଉକ୍ତ ପୋଲିସ ପାଗଳ ଥିଲେ ତେବେ ତାଙ୍କୁ କାହିଁକି ବନ୍ଧୁକ ଦିଆଯାଇଥିଲା ବୋଲି ପ୍ରଶ୍ନ କରିଛନ୍ତି ଜୟନାରାୟଣ ।

## ମରିବାକୁ ପସନ୍ଦ କରିବି ସିନା, ବିଜେପିକୁ ସମର୍ଥନ ଦେବିନାହିଁ : ନୀତୀଶ କୁମାର



ନୂଆଦିଲ୍ଲୀ, ୩୦/୦୧ : ବିହାରରେ ଶାସନ କରୁଥିବା ଜେଡିୟୁରେ କନ୍ଦଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବଡ ଘୋଷଣା କରିଛନ୍ତି । ନୀତୀଶ କହିଛନ୍ତି ମରିବା ଯାଏ କେବେହେଲେ ବିଜେପି ସହ ଆସିବେ ନାହିଁ । ସେ ସ୍ପଷ୍ଟ ଭାବେ କହିଛନ୍ତି ମୋତେ ମୃତ୍ୟୁ ପସନ୍ଦ, କିନ୍ତୁ ବିଜେପି ସାଥିରେ ଯିବି ନାହିଁ । ନୀତୀଶ କୁମାର କହିଛନ୍ତି ଆମେ ଅଟଳଜୀଙ୍କୁ ମାନୁଥିବା ଲୋକ । ଆମେ ବିଜେପିର ହାତ ଛାଡିଦେଇଥିଲୁ । ସେମାନେ ଜବରଦସ୍ତି ଆମ ସହ ଆସିଥିଲେ । ୨୦୨୦ରେ ମୁଁ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁନଥିଲି, ସେମାନେ କିନ୍ତୁ ଯାହା କଲେ ତାହା ସମସ୍ତେ ଜାଣିଛନ୍ତି । ଆମେ ତାଙ୍କୁ ଅନେକ ସମ୍ମାନ ଦେଇଛୁ । ସେ ଆହୁରି ମଧ୍ୟ କହିଛନ୍ତି, ଚଳିତ ଥରର ନିର୍ବାଚନ ହେବାକୁ ଦିଅନ୍ତୁ । ସମସ୍ତଙ୍କୁ ଜଣାପଡିବ ଯେ କାହାକୁ କେତେ ସିଟ୍ ମିଳୁଛି । ▶▶ପୃଷ୍ଠା ୭

# ସଂସଦର ବଜେଟ ଅଧିବେଶନ ଆଜି



ନୂଆଦିଲ୍ଲୀ, ୩୦/୦୧ : ଫେବୃଆରୀ ୧ରେ ଆସିବ ବଜେଟ । ଜାନୁଆରୀ ୩୧ରୁ ବସିବ ବଜେଟ ଅଧିବେଶନ । ଏନେଇ ସମସ୍ତ ପ୍ରସ୍ତୁତି ବର୍ତମାନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ନୂଆ ସଂସଦ ଭବନରେ ବଜେଟ ଅଧିବେଶନ ଓ ୨୦୨୩-୨୪ ବଜେଟ ଉପସ୍ଥାପନ ପାଇଁ ଯୋଜନା କରାଯାଇଥିଲେ ବି ନିର୍ମାଣ କାର୍ଯ୍ୟ ଶେଷ ହୋଇନଥିବାରୁ ପୁରୁଣା ସଂସଦ ଭବନରେ ଉପସ୍ଥାପନ କରାଯିବ । ସୋମବାର ଲୋକସଭା ବାଚସ୍ପତି ଓମ ବିର୍ଲା ସଂସଦ ଭବନରେ ପହଞ୍ଚି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଫେବୃଆରୀ ୧୧ ଓ ୨ୟ ଅଧିବେଶନ ମାର୍ଚ୍ଚ ୧୪ରୁ ଏପ୍ରିଲ ୮ ପର୍ଯ୍ୟନ୍ତ କରାଯିବ । ସେହିପରି କେନ୍ଦ୍ର ବଜେଟ ଫେବୃଆରୀ ୧ରେ ଉପସ୍ଥାପନ କରାଯିବ ।

# ଶେଷ ହେଲା ଭାରତ ଯୋଡ଼ ଯାତ୍ରା



ନୂଆଦିଲ୍ଲୀ,୩୦/୦୧ : ଅନେକ ଆଶା, ଉଦ୍ଦେଶ୍ୟକୁ ନେଇ ଆରମ୍ଭ ହୋଇଥିବା ଭାରତ ଯୋଡ଼ ଯାତ୍ରା ଶେଷ ହୋଇଛି । ସୋମବାର ୩୦ ଜାନୁଆରୀରେ ଶେଷ ହୋଇଛି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା କଂଗ୍ରେସର ଭାରତ ଯୋଡ଼ ଯାତ୍ରା । ତେବେ ସେପ୍ଟେମ୍ବର ୭ରେ କନ୍ୟାକୁମାରୀ ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୩୦ ଜାନୁଆରୀରେ ଶ୍ରୀନଗରରେ ସମାପ୍ତ ହୋଇଛି । ଆଉ ଏଥିପାଇଁ ୨୯ ଜାନୁଆରୀରେ ଶ୍ରୀନଗରର ଲାଲଚୌକ ଠାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ତ୍ରିରଙ୍ଗା ଉଡ଼ାଇଛନ୍ତି । ୧୪୫ ଦିନରେ ୧୨ଟି ରାଜ୍ୟ ,୨ କେନ୍ଦ୍ରଶାସିତ ଦେଇ ପ୍ରାୟ ୪ ହଜାର କିଲୋମିଟରରୁ ଅଧିକ ବାଟ ଗତି କରିଛି ଭାରତ ଯୋଡ଼ ଯାତ୍ରା । ଅନ୍ୟପଟେ ୧୨ ଜନସଭା, ୧୦୦ରୁ ଅଧିକ ବୈଠକ, ୧୩ ସାମ୍ବାଦିକ ସମ୍ମିଳନୀ ସମ୍ବୋଧନ କରିଛନ୍ତି । ଏହି ଯାତ୍ରାର ଶେଷ ପରେ ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀ କହିଛନ୍ତି, ତାଙ୍କୁ ବହୁତ କିଛି ଶିଖିବାକୁ ଓ ଜାଣିବାକୁ ମିଳିଲା । ଯାତ୍ରାର ଉଦ୍ଦେଶ୍ୟ ଭାରତକୁ ଏକଜୁଟ କରିବାର ଥିଲା । ତେବେ ଏଥିରୁ ଏତେ ଭଲପାଇବା ମିଳିବ ବୋଲି ଆଶା କରିନଥିଲେ ରାହୁଲ । ଭାରତ ଯୋଡ଼ ଯାତ୍ରାର ଅନ୍ତିମ ଦିନରେ ରାହୁଲଗାନ୍ଧୀ ନିଜ ଅଭିଭାଷଣରେ ବିଜେପିକୁ ଟାର୍ଗେଟ କରିଛନ୍ତି । ଅନ୍ୟପଟେ ଭାରତ ଯୋଡ଼ ଯାତ୍ରାର ଅନ୍ତିମ ଦିନରେ ଶେର-ଇ-କାଶ୍ମୀର କ୍ରିକେଟ ଷ୍ଟାଡ଼ିୟମରେ ହୋଇଥିବା ଏକ ରାଲିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ପ୍ରିୟଙ୍କା ଗାନ୍ଧୀ, ପିଡ଼ିପିର ମହବୁବା ମୁଫତି, ଏନସିର ଓମାର ଅବଦୁଲା ସାମିଲ ହୋଇଛନ୍ତି । ଅନ୍ୟପଟେ ଏଥିରେ କେତେକ ବିରୋଧୀ ଦଳ ଯୋଗ ଦେଇ ନାହାନ୍ତି । ଯେଉଁ ରାଜନୀତି ଭାଙ୍ଗିଥାଏ, ସେହି ରାଜନୀତିରେ ଭଲ ହୋଇନଥାଏ । ଭାରତ ଯୋଡ଼ ଯାତ୍ରା ଏକ ଆଧ୍ୟାତ୍ମିକ ଯାତ୍ରା ବୋଲି ପ୍ରିୟଙ୍କା ଗାନ୍ଧୀ କହିଛନ୍ତି । ଗୋଡ଼ସେଙ୍କ ଚିନ୍ତାଧାରାରେ ଜାମ୍ମୁ କଶ୍ମୀର ଯାହା ହରାଇଛି ତାହା ଏବେ ପୁଣି ଫେରିଆସିବ । ଏବଂ ରାହୁଲ ଗାନ୍ଧୀଙ୍କ ଠାରେ ଜମ୍ମୁ କଶ୍ମୀରର ଆଶାର କିରଣ ଦେଖାଯାଇଛି । ଦୀର୍ଘଦିନ ପରେ ଶେଷରେ ସମାପ୍ତ ହୋଇଛି କଂଗ୍ରେସର ଭାରତଯୋଡ଼ ଯାତ୍ରା । ତେବେ ଏହି ଭାରତଯୋଡ଼ ଯାତ୍ରାର ପ୍ରଭାବ ଆଗାମୀ ୨୦୨୪ ଲୋକସଭା ନିର୍ବାଚନରେ ଜଣାପଡ଼ିବ ।

# ମନ ମିଶିଲା, ବିବାଦ ଛିଣ୍ଡିଲା: ଏକାଠି ହେବେ ହ୍ୟୁମାନ-ଶ୍ରେୟା



ଭୁବନେଶ୍ୱର,୩୦/୦୧ (ନି.ପ୍ର): ଦୂର ହେଲା ମନୋମାଳିନ୍ୟ । ମିଶିଗଲା ମନ । କିଛି ଦିନର ବିବାଦ ପରେ ପୁଣି ଏକାଠି ହୋଇଛନ୍ତି ବଲିଉଡ କଂଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ପତ୍ନୀ ଶ୍ରେୟା ମିଶ୍ର । ଏବେ ପୁଣି ଏକାଠି ରହିବାକୁ ଉଭୟ ମନସ୍ଥ କରିଛନ୍ତି । ହ୍ୟୁମାନ ସାଗର ଓ ଶ୍ରେୟା କାଉନସେଲିଂ ପାଇଁ କଟକ ମହିଳା ଥାନାରେ ହାଜର ହୋଇଥିଲେ । ପ୍ରାୟ ଏକ ଘଂଟା ଧରି ଆଲୋଚନା ପରେ ପରସ୍ପର ମନୋମାଳିନ୍ୟ ଭୁଲି ଏକାଠି ରହିବାକୁ ନିଷ୍ପତି ନେଇଛନ୍ତି । ଶ୍ରେୟା କହିଛନ୍ତି, ଉଭୟଙ୍କ ମଧ୍ୟରେ ଛୋଟ ଭୁଲ ବୁଝାମଣା ହୋଇଯାଇଥିଲା । କିନ୍ତୁ ଦୁହେଁ ଏକାଠି ହୋବାକୁ ନିଷ୍ପତି ନେଇଛନ୍ତି । ବିବାଦର ସମାଧାନ ହେବା ପରେ ଶ୍ରେୟା ଶାଶୁଘରକୁ ଯିବା ପାଇଁ ରାଜି ହୋଇଛନ୍ତି । କିନ୍ତୁ ମାନସିକ ଭାବେ ପ୍ରସ୍ତୁତ ହୋଇ ଆସିନଥିବାରୁ ଶାଶୁ ଘରକୁ ଯିବା ପାଇଁ ଏକମାସ ସମୟ ଦିଆଯାଇଛି । କିଛି ଦିନ ତଳେ ହ୍ୟୁମାନ ସାଗର ଓ ଶ୍ରେୟାଙ୍କ ମଧ୍ୟରେ ପାରିବାରିକ ବିବାଦ ଦେଖାଦେଇଥିଲା । ଶ୍ରେୟା, ନିଜ ସ୍ୱାମୀ ହ୍ୟୁମାନଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଥିଲେ ।

# କୁଡ଼ିଆରେ କଟୁଛି ଜୀବନ: ସରକାରୀ ଯୋଜନା ଅପହଂଚ

ରାଉରକେଲା, ୩୦/୦୧ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା ସତ୍ତ୍ୱେ ଆଜି ବି ଅନେକ ଗରିବ ଯୋଗ୍ୟ ହିତାଧିକାରୀ ଏହାର ସୁଫଳ ପାଇବାରୁ ବଂଚିତ ରହିଛନ୍ତି । ଶାସନ କ୍ଷମତାରେ ବସିଥିବା ଦଳ, ନେତା ପ୍ରଚାର ସର୍ବସ୍ୱ ରାଜନୀତିରେ ବୁଡି ରହିଥିବା ବେଳେ ଗାଁ, ବସ୍ତିରେ ରହୁଥିବା ସଂଖ୍ୟା ବହୁଳ ଲୋକେ ଆଜି ବି ରାସନ କାର୍ଡ ଖଣ୍ଡେ ହେଉ କି ବାର୍ଦ୍ଧକ୍ୟ ଭତା ବା ପକ୍କା ଘର ଖଣ୍ଡେ ପାଇଁ ନେହୁରା ହେବା ସାର ହୋଇଛି । ବହୁ ସାମାଜିକ କର୍ମୀଙ୍କ ଚେଷ୍ଟା ସତ୍ତ୍ୱେ ଏମାନଙ୍କ ସ୍ୱପ୍ନ ସାକାର ହୋଇପାରୁନି ।ଏଭଳି କିଛି କାରଣ ତଥା ଅବହେଳା ପାଇଁ ଅନେକ ନିରୀହ ବସ୍ତି ବାସିନ୍ଦାଙ୍କ ଜୀବନ କିଭଳି ଦୁର୍ବିସହ ପାଲଟିଛି ତାର ଏକ ନିଛକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦକ୍ଷିଣ ରାଉରକେଲାର ବ୍ରିଟାନିଆ କଲୋନୀରେ ।

ଏହି ବସ୍ତିରେ ରହନ୍ତି ସୋନୁ ଜୋଜ (୬୩), ପତ୍ନୀ ଉଷା (୬୧) ଓ ଏକମାତ୍ର ରୋଗୀଣା ପୁଅ ସଞ୍ଜୟ (୩୩) । ଉଭୟ ପତି ପତ୍ନୀ ଓ ପୁଅ ବିଭିନ୍ନ ରୋଗରେ ଆକ୍ରାନ୍ତ । ସୋନୁ ଚେୟାର ଖଣ୍ଡେ ଧରି ଚଲା ବୁଲା କରୁଥିବା ବେଳେ ପତ୍ନୀ ଉଷା ଘୋଷାଡ଼ି ହୋଇ ଘର କାମ କରନ୍ତି । ଆଣ୍ଠୁ ଗଣ୍ଠି ବାତ ତାଙ୍କୁ ଏକ ପ୍ରକାର ଅଚଳ କରି ପକାଇଛି । ବେମାରିଆ ପୁଅଟି କେବେ କେମିତି ମୁଲ ମଜୁରୀ ପାଇଲେ ପରିବାର ଗଣ୍ଡେ ଭଲରେ ଖାଆନ୍ତି ନହେଲେ ନାହିଁ । ଘର ବୋଇଲେ ଚିରାଫଟା ଲୁଗା ଘେରା ପାଚେରୀ ଆଉ ଦୁଇ ଖଣ୍ଡ ଆଜବେଷ୍ଟସ । ଏମିତି ଅବସ୍ଥାରେ ନା ଏମାନଙ୍କୁ ମିଳିଛି ଖଣ୍ଡେ ରାସନ କାର୍ଡ ନା ବାର୍ଦ୍ଧକ୍ୟ ଭତା । ଆବାସ ମିଳିବା ତ ସ୍ୱପ୍ନ । କାରଣ ଏହି ଅଂଚଳଟି ନା ପଂଚାୟତରେ ଅନ୍ତର୍ଭୁକ୍ତ ହୋଇପାରିଛି ନା ମହାନଗରରେ ମିଶି ପାରିଛି । ଶିଳ୍ପାଂଚଳ ଭିତରେ ରହିଥିବାରୁ ଏସବୁ ଅଂଚଳର ଅନେକ ଗରିବ ବସ୍ତି ବାସିନ୍ଦା ସରକାରୀ ଯୋଜନାରୁ ବଂଚିତ ରହି ଏକ ପ୍ରକାର ଅଭିଶପ୍ତ ଜୀବନ କାଟୁଛନ୍ତି । କାଗଜ ପତ୍ର ଅଭାବରୁ ସୋନୁଙ୍କ ପରିବାରର କେହି ସଦସ୍ୟ ଆଧାର କାର୍ଡ ଖଣ୍ଡେ ପାଇ ପାରୁ ନାହାଁନ୍ତି । ଏହି ଆଳରେ ସରକାରୀ ବାବୁ, ନେତା କେହି ହେଲେ ଏହି ଗରିବ ପରିବାରର ଦୁଃଖ ଶୁଣୁ ନାହାନ୍ତି ବୋଲି କହନ୍ତି ସ୍ଥାନୀୟ ବାସିନ୍ଦା । ବର୍ଷ ବର୍ଷ ଧରି ଅଭାବରେ ପଡି ଘାଂଟି ହେଉଥିବା ସୋନୁଙ୍କ ପରିବାରକୁ କେବେ ପ୍ରଶାସନ ସହାୟତାର ହାତ ବଢାଇବ, ଏମାନେ ଯୋଜନାର ସୁଫଳ ପାଇବେ ଭଲ ଚିକିତ୍ସା ସେବା ପାଇବେ ଓ ନିରୋଗ ଜୀବନ ଜିଇବେ ତାକୁ ନେଇ ସୃଷ୍ଟି ହୋଇଛି ବଡ଼ ପ୍ରଶ୍ନବାଚୀ । ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଓଡ଼ିଶାରେ ପଢ଼ିବାକୁ ବିଦେଶୀଙ୍କ ଇଚ୍ଛା: କରୋନା ସମୟରେ ପଢ଼ିଛନ୍ତି ୨୧୮୦

ଭୁବନେଶ୍ୱର , ୩୦/୦୧ (ନି.ପ୍ର): ୨୦୨୦-୨୧ ଶିକ୍ଷାବର୍ଷରେ ଭାରତରେ ୧୬୩ଟି ଦେଶର ୪୮ହଜାର ୩୫ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିଲେ । ସେଥିମଧ୍ୟରୁ ୪.୫୪% ଅର୍ଥାତ୍ ? ୨୧୮୦ଜଣ ବିଦେଶୀ ଛାତ୍ରଛାତ୍ରୀ ୨୦୨୦-୨୧ ଶିକ୍ଷାବର୍ଷରେ ଓଡ଼ିଶାରେ ନାମ ଲେଖାଇଥିଲେ । କରୋନା ପରିସ୍ଥିତି ଯୋଗୁଁ ଲକ୍ଡାଉନ୍, ସଟ୍ଡାଉନ୍ ଜାରି ରହିଥିଲେ ମଧ୍ୟ ୧୦ଜଣ ବିଦେଶୀ ପିଲା ପିଏଚ୍ ?ଡି, ୧୭୯ଜଣ ପିଜି, ୧୯୪୭ଜଣ ୟୁଜି, ଇଣ୍ଟିଗ୍ରେଟେଡ୍ରେ ୪୪ଜଣ ଓ ଡିପ୍ଲୋମାରେ ଜଣେ ଛାତ୍ର ପଢୁଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ପ୍ରକାଶିତ ଅଲ୍ ? ଇଣ୍ଡିଆ ସର୍ଭେ ଅନ୍ ? ହାୟର ଏଜୁକେସନ(ଏଆଇଏସ୍ଏଚ୍ଇ) ରିପୋର୍ଟରେ ଦର୍ଶାଯାଇଛି । ଉକ୍ତ ରିପୋର୍ଟ ଅନୁଯାୟୀ ଓଡ଼ିଶା ଲଗାତାର ଭାବେ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରି ଚାଲିଛି । ୨୦୧୬-୧୭ ଶିକ୍ଷାବର୍ଷ ସର୍ଭେରେ ବିଦେଶୀ ଛାତ୍ରଛାତ୍ରୀ ପଢୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥାନ ୧୫ ରହିଥିଲା । ୨୦୧୮-୧୯ରେ ୧୬, ୨୦୧୯-୨୦ରେ ୧୪ତମ ସ୍ଥାନରେ ଥିଲା । କିନ୍ତୁ ୨୦୨୦-୨୧ରେ ଏକାଥରେ ୯ମ ସ୍ଥାନକୁ ଲମ୍ଫ ମାରିଛି ଓଡ଼ିଶା । କର୍ଣ୍ଣାଟକରେ ସର୍ବାଧିକ ୮ହଜାର ୧୩୭ ଜଣ ବିଦେଶୀ ଛାତ୍ରଛାତ୍ରୀ ପଢୁଥିବା ବେଳେ ପଞ୍ଜାବରେ ୬୫୫୭, ମହାରାଷ୍ଟ୍ରରେ ୪୯୧୨, ଉତ୍ତରପ୍ରଦେଶରେ ୪୬୫୪, ତାମିଲନାଡୁରେ ୩୬୮୫, ଦିଲ୍ଲୀରେ ୨୮୦୯, ଗୁଜୁରାଟରେ ୨୬୪୬, ଆନ୍ଧ୍ର ପ୍ରଦେଶରେ ୨୩୫୮ ଜଣ ବିଦେଶୀ ପଢୁଥିଲେ । ଦେଶର ପ୍ରତି ଲକ୍ଷେ ଜନସଂଖ୍ୟାରେ ୩୧ଟି କଲେଜ ରହିଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ମାତ୍ର ୨୬ । ଯେତେବେଳେ କି ଉତ୍ତରପ୍ରଦେଶରେ ୩୨, ମହାରାଷ୍ଟ୍ରରେ ୩୪, କର୍ଣ୍ଣାଟକରେ ୬୨, ରାଜସ୍ଥାନ ଓ ତାମିଲନାଡୁରେ ୪୦ଟି ଲେଖାଏ, ମଧ୍ୟପ୍ରଦେଶରେ ୨୯, ଆନ୍ଧ୍ରପ୍ରଦେଶରେ ୪୯, ଗୁଜରାଟରେ ୩୧ଟି କଲେଜ ରହିଛି । ଖୁସିର ବିଷୟ ହେଉଛି ଯେ ଗତ ୫ଟି ଶିକ୍ଷାବର୍ଷରେ ଓଡ଼ିଶାରେ ୧୨ଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ୨୦୧୬-୧୭ ଶିକ୍ଷାବର୍ଷରେ ଓଡ଼ିଶାରେ ୨୪ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ୨୦୨୦-୨୧ରେ ୩୬ରେ ପହଞ୍ଚିଛି । ଏପରିକି ଗୋଟିଏ ଶିକ୍ଷାବର୍ଷ ମଧ୍ୟରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାରେ ରାଜ୍ୟ ସରକାର ସକ୍ଷମ ହୋଇଛନ୍ତି । ୨୦୧୯-୨୦ରେ ୩୨ଟି ବିଶ୍ୱବିଦ୍ୟାଳୟ ରହିଥିଲା । ଗୋଟିଏ ଶିକ୍ଷାବର୍ଷ ମଧ୍ୟରେ ଦୁଇଟି ଲେଖାଏ ଘରୋଇ ଓ ପବ୍ଲିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ସେହିପରି ୨୦୧୯-୨୦ ଶିକ୍ଷାବର୍ଷରେ ୧୦୮୭ କଲେଜ ଥିଲା । ୨୦୨୦-୨୧ରେ ତାହା ୧୨୦୬ରେ ପହଞ୍ଚିଛି । ଓଡ଼ିଶାରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୫ଟି ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ, ୧୮ଟି ରାଜ୍ୟ ବିଶ୍ୱବିଦ୍ୟାଳୟ, ଗୋଟିଏ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ୮ଟି ଘରୋଇ ବିଶ୍ୱବିଦ୍ୟାଳୟ, ୩ଟି ଡିମ୍ଡ ବିଶ୍ୱବିଦ୍ୟାଳୟ ରହିଛି । ୧୯ଟି ସାଧାରଣ ବିଶ୍ୱବିଦ୍ୟାଳୟ ଥିବା ବେଳେ ୮ଟି ବୈଷୟିକ, ଗୋଟିଏ ଲେଖାଏ କୃଷି, ଆଇନ, ମ୍ୟାନେଜ୍ମେଣ୍ଟ, ସଂସ୍କୃତ, ସାଇନ୍ସ, ସାମାଜିକ ବିଜ୍ଞାନ ଓ ସଂସ୍କୃତି ବିଶ୍ୱବିଦ୍ୟାଳୟ ରହିଛି । ୭୬୮ଟି ସାଧାରଣ କଲେଜ ଥିବା ବେଳେ ୨ଟି ଆର୍କିଟେକ୍ଚର, ୪୫ଟି କଳା, ୭ଟି ଲେଖାଏ କମ୍ପ୍ୟୁଟର ଆପ୍ଲିକେସନ ଓ ଫାଇନ୍ ଆର୍ଟ କଲେଜ, ଗୋଟିଏ ଲେଖାଏ ବାଣିଜ୍ୟ ଓ ସଂସ୍କୃତି, ୨୪ଟି ଶିକ୍ଷକ ଶିକ୍ଷାନୁଷ୍ଠାନ ଏବଂ ୭୫ଟି ଇଞ୍ଜିନିୟରିଂ କଲେଜ ରହିଛି । ଘରୋଇ କଲେଜରେ ୪ ଲକ୍ଷ ୩୫ ହଜାର ୬୮୫ ପିଲା ଓ ସରକାରୀ କଲେଜରେ ୨ ଲକ୍ଷ ୫୫ ହଜାର ୭୩୨ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ୩୨୮୧ଜଣ ପିଏଚ୍ଡି, ୭୩୦ଜଣ ଏମ୍.ଫିଲ୍ ଓ ୯୯ ହଜାର ୨୧୮ଜଣ ପିଜି, ୭ଲକ୍ଷ ୩୮ ହଜାର ୪୮୮ଜଣ ୟୁଜି, ୩୮୦୨ଜଣ ପିଜି ଡିପ୍ଲୋମା, ୧ଲକ୍ଷ ୪୫ ହଜାର ୬୧୬ଜଣ ଡିପ୍ଲୋମା, ୩୫୮୯ଜଣ ସାର୍ଟିଫିକେଟ୍ କୋର୍ସ, ୧୨ହଜାର ୨୯୮ଜଣ ଇଣ୍ଟିଗ୍ରେଟେଡ୍ ଶିକ୍ଷା ଗ୍ରହଣ କରୁଛନ୍ତି । ମୋଟ ୧୦ ଲକ୍ଷ ୭ ହଜାର ୨୨ଜଣ ପଢୁଛନ୍ତି । ସେଥିମଧ୍ୟରେ ୧୭୩୪ଜଣ ଦିବ୍ୟାଙ୍ଗ, ୮୪୮୭ଜଣ ମୁସଲିମ୍, ୩୧୧୦ଜଣ ଅନ୍ୟାନ୍ୟ ପଛୁଆ ବର୍ଗ ଓ ୧୫ ହଜାର ୨୪୮ଜଣ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ରହିଛନ୍ତି । ୧୮ରୁ ୨୩ ବର୍ଷ ବୟସର ଲିଙ୍ଗଗତ ସମାନତା ସୂଚୀ(ଜିପିଆଇ)ରେ ଓଡ଼ିଶାର ସମସ୍ତ ବର୍ଗର ୦.୯୪ ଥିବା ବେଳେ ଏସ୍ସି ବର୍ଗରେ ୦.୮୬ ଓ ଏସ୍ଟି ବର୍ଗର ୦.୯୦ ରହିଛି ।

# କୋଲାବବାସୀଙ୍କୁ ମିଳୁନି ମୌଳିକ ସୁବିଧା: ବିକାଶର ସଂଜ୍ଞା ନେଇ ସରକାରଙ୍କୁ ପ୍ରଶ୍ନ



କୋରାପୁଟ, ୩୦/୦୧ (ନି.ପ୍ର): କୋଲାବ କହିଲେ ମନରେ ଆସେ ସୁବିସ୍ତୀର୍ଣ୍ଣ ଜଳରାଶି । ପ୍ରାକୃତିକ ସବୁଜିମା ସହ ପାହାଡ ପର୍ବତ ଓ ଡ୍ୟାମ । କୋଲାବର ନାଁ ଶୁଣିଲେ ମନରେ ଆସେ ପର୍ଯ୍ୟଟନ ଓ ଅବିକଶିତ ଅଞ୍ଚଳରେ ୭୦ ଦଶକରେ ଡ୍ୟାମର ନିର୍ମାଣ କଥା । କୋଲାବ ଡ୍ୟାମ ପାଇଁ ଖାଲି ଯେ ଜମି, ଶ୍ରମ ଓ ଭିଟା ମାଟି ଛାଡିଛନ୍ତି ତାହା ନୁହେଁ, ଶତାଧିକ ଘର କୋଲାବ ଜଳଭଣ୍ଡାରରେ ବୁଡ଼ିଯାଇଛି । ହେଲେ ଜଳଭଣ୍ଡାର ଲାଗି ଯେଉଁମାନେ ବିସ୍ଥାପିତ ହୋଇଥିଲେ ସେମାନେ ନଦୀକୂଳରେ ଏକ ଗାଁ ଗଢ଼ିଥିଲେ । ତାହା ଏବେ କୋଲାବ ରୂପେ ପରିଚିତ । ୭୦ ଦଶକରେ ଯେବେ ଡ୍ୟାମ ତିଆରି ହେଉଥିଲା ସେହି ସମୟରେ ସେତେବେଳେ ସେଠାକାର ଲୋକ ଯେତିକି ବିସ୍ଥାପନ ଦୁଃଖ ଭୋଗିନଥିଲେ ବିସ୍ଥାପନ ପରେ ଏବେ ସରକାରଙ୍କ ତରଫରୁ ମୌଳିକ ସୁବିଧା ନମିଳିବା ତା'ଠୁ ଅଧିକ ଦୁଃଖ ଦେଇଛି । ଏଠିକୁ ଯେଉଁ ସରକାରୀ ଅଧିକାରୀ ଆସୁଛନ୍ତି ସେମାନେ ବିକାଶର ସଂଜ୍ଞା କ'ଣ ବୋଧେ ଜାଣିନାହାନ୍ତି ନା ଆନ୍ତରିକତା ଅଭାବରୁ ନୀରବ ରହୁଛନ୍ତି ତାହା ବୁଝିହେଉନି ବୋଲି କୋଲାବବାସୀ ପ୍ରଶ୍ନ କରିଛନ୍ତି । କୋରାପୁଟ ଜିଲ୍ଲା ଲଙ୍କାପୁଟ ପଞ୍ଚାୟତ ଅନ୍ତର୍ଗତ କୋଲାବ ନଦୀକୂଳରେ ରହିଛି କୋଲାବ ଗାଁ । ଉପର ସାହି ଓ ତଳସାହି କରି ଏହି ଗାଁରେ ରହୁଛନ୍ତି ୯୦ରୁ ଅଧିକ ଆଦିବାସୀ, ଗରିବ ଓ ଖଟିଖିଆ ପରିବାର । କୋରାପୁଟ ସହର ଉପକଣ୍ଠରେ ରହିଥିବା ଏହି ଗାଁ ମୁଖ୍ୟାଳୟଠାରୁ ମାତ୍ର ୮ କି.ମି. ଦୂରରେ ରହିଛି । ହେଲେ ଗାଁକୁ ନିତିଦିନିଆ ରାସ୍ତା ଖଣ୍ଡେ ନାହିଁ । ଯେଉଁ ରାସ୍ତା ରହିଛି ତାହା କେବଳ ଖରାଦିନେ ଯିବା ଆସିବା ସମ୍ଭବ ହେଉଛି । ବର୍ଷା ୪ ମାସ ବିଚ୍ଛିନ୍ନାଞ୍ଚଳ ଭାବେ ରହିବାକୁ ପଡୁଛି । ଯଦି ହଠାତ୍ କାହାରର ଦେହ ଖରାପ ହେଲା ତେବେ କଥା ଶେଷ । ଭାର ଓ ଖଟିଆରେ ରୋଗୀଙ୍କୁ ଧରି ୮ କିଲୋମିଟର ୩ ପାହାଡ ଡେଇଁ ଆସିବାକୁ ପଡୁଛି । ଗାଁରୁ କୋରାପୁଟ ମେଡିକାଲ ଦେଖାଯାଉ ଥିଲେ ମଧ୍ୟ ସମସ୍ୟା ଦେହସୁହା । ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ଏହି ଗାଁର ୨୦୦ରୁ ଅଧିକ ଭୋଟର ଭୋଟ ବର୍ଜନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଝାସୂଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନଥିଲା । ଜିଦରେ ଅଟଳ ରହି ଭୋଟ ଦେଇ ନଥିଲେ । ଆସନ୍ତା ଦିନରେ ସାଧାରଣ ନିର୍ବାଚନ ଆସୁଥିବାରୁ ଭୋଟ ବର୍ଜନ ସହ କୌଣସି ରାଜନେତାଙ୍କୁ ଗାଁ ମଧ୍ୟକୁ ପ୍ରବେଶ କରାଇବେ ନାହିଁ ବୋଲି କହିଛନ୍ତି ଗାଁ ମୁଖିଆ । ଖାଲି ରାସ୍ତା ନୁହେଁ ମୌଳିକ ସୁବିଧା ଭାବେ ପାନୀୟ ଜଳ ଯୋଗାଣ ମଧ୍ୟ ଠିକ ନାହିଁ । ଗାଁରେ ୪ଟି ନଳକୂପ ରହିଥିବାବେଳେ ମାତ୍ର ଗୋଟିଏ ସଚଳ ରହିଛି । ଗାଁରେ ପାଇପ ଜଳ ଯୋଗାଣ ହୋଇଥିବାବେଳେ ୯୦ଟି ପରିବାରକୁ ଏହି ଜଳ ସମୁଦ୍ରକୁ ଶଙ୍ଖେ ପରି ହୋଇଛି । ତେଣୁ ନିକଟରେ ରହିଥିବା ଝରଣା ଓ କୋଲାବ ନଦୀରୁ ପାଣି ଆଣି ବ୍ୟବହାର କରୁଛନ୍ତି ଗାଁ ଲୋକେ । ଗାଁର ଗୌରୀ ମୁଦୁଲି କହିଛନ୍ତି ଯେ ୨୦୨୧-୨୨ ବର୍ଷରେ ଗାଁକୁ ମନରେଗାରେ ଏକ ରାସ୍ତା ନିର୍ମାଣ ପାଇଁ ଯୋଜନା ହୋଇଥିଲା । ୧୨ ଲକ୍ଷ ଟଙ୍କାରେ ମାଟି ରାସ୍ତା ନିର୍ମାଣ କରିଥିଲେ ଠିକାଦାର । ମାଟି ରାସ୍ତା ଉପରେ ମାଟି ପକାଇ ଟଙ୍କା ହଡପ କରିଥିବା ସେ ଅଭିଯୋଗ କରିଛନ୍ତି । ଗାଁର ଦାନୁ ମୁଦୁଲି କହିଛନ୍ତି ଯେ ଗାଁରେ ରାସ୍ତା ନାହିଁ କିନ୍ତୁ ଗାଁ ନିକଟ ଦେଇ ଯାଇଥିବା ନାଳ ଖୋଳାଯାଉଥିଲା । ରାସ୍ତା ନାହିଁ, ନାଳ ଖୋଳୁଛ ବୋଲି ଅଭିଯୋଗ କରିବାରୁ ଠିକାଦାର ପଳାଇଲେ । ପରେ ଆମେ ଜାଣିବାକୁ ପାଇଲୁ ଯେ ଗାଁରେ ଏହି କାମକୁ ବିଲ୍ କରାଇ ବ୍ଲକ ପ୍ରଶାସନ ଓ ଠିକାଦାର ମାଲେ ମାଲେ ବୋଲି ସେ କହିଛନ୍ତି । ଏନେଇ ବିଡିଓ ନରେନ୍ଦ୍ର ନାୟକ କହିଛନ୍ତି ଯେ ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛୁ । କ୍ଷେତ୍ର ପରିଦର୍ଶନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ବ୍ଲକର ଜଣେ ମୁଖ୍ୟ ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛୁ ବୋଲି କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ତାଙ୍କର ଆଦୌ ଧ୍ୟାନ ନଥିବା ଏଥିରୁ ସ୍ପଷ୍ଟ ହୋଇଛି ।

# ଜାତୀୟସ୍ତରରେ ଓଡ଼ିଶା ରେଡକ୍ରସ୍‌ର ବିଜୟ




କଟକ, ୩୦/୦୧ (ନି.ପ୍ର): ହରିୟାନାର କୁରୁକ୍ଷେତ୍ରଠାରେ ଭାରତୀୟ ଜୁନିୟର ରେଡକ୍ରସ୍‌ର ଜାତୀୟ ସ୍ତରର ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ରେଡକ୍ରସ୍ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପକ୍ଷରୁ ୧୨ଜଣ ଛାତ୍ରଛାତ୍ରୀ ଓ ୨ଜଣ ଉପଦେଷ୍ଟା ଯୋଗ ଦେଇଥିଲେ । ଓଡ଼ିଶାକୁ ବେଷ୍ଟ କୋର୍ଡିନେସନ୍ ଟିମ୍ ଓ ଟାଙ୍ଗୀ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡଃ ବିଲ୍କେସ୍ ପରବିନ୍‌ଙ୍କୁ ବେଷ୍ଟ କାଉନ୍ସେଲର ଭାବେ ପୁରସ୍କୃତ କରାଯାଇଛି । ଏକକ ସଂଗୀତ, ସମବେତ ସଂଗୀତ, ସମବେତ ନୃତ୍ୟ, ଏକକ ନୃତ୍ୟ, ରଙ୍ଗୋଲି, ଓଡ଼ିଶା ପ୍ରଦର୍ଶନୀ, ନାଟକ, ଉପଦେଷ୍ଟାଙ୍କ ଏକକ ନୃତ୍ୟ ଭଳି ପ୍ରତିଯୋଗିତାରେ ୧୫ଟି ପୁରସ୍କାର ଲାଭ କରିଛନ୍ତି । ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ ଓ ଯୁବ ରେଡକ୍ରସ୍ ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରାଙ୍କ ଉଦ୍ୟମ ଓ ପ୍ରେରଣାରେ ରାଜ୍ୟ ଜୁନିୟର ରେଡକ୍ରସ୍ ଆଜି ଏହି କୃତିତ୍ୱ ହାସଲ କରିବାରେ ସଫଳ ହୋଇଛି ।

# ମାଲକାନଗିରି ଜିଲ୍ଲାରେ 'ଗୀତା ଜ୍ଞାନ' ପରୀକ୍ଷା ଅନୁଷ୍ଠିତ

ମାଲକାନଗିରି, ୩୦/୦୧ (ନି.ପ୍ର): ମାଲକାନଗିରି ମହିଳା ମହାବିଦ୍ୟାଳୟ ଠାରେ ଶିକ୍ଷାବିତ୍ ସରୋଜ କୁମାର ଦାସ ଙ୍କ ଅଧ୍ୟକ୍ଷତା ରେଆଜି ଗୀତା ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନ ମିଶନ୍ ଆନୁକୁଲ୍ୟରେ ମାଲକାନଗିରି ଜିଲ୍ଲାର ୭ଟା ବ୍ଲକରେ ୭ଟି କେନ୍ଦ୍ରରେ ୭୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କ ନାମ ପଞ୍ଜିକୃତ କରାଯାଇ ସେମାନଙ୍କ ଭିତରେ 'ଗୀତାଜ୍ଞାନ' ପରୀକ୍ଷା ଅନୁଷ୍ଠିତ କରାଯାଇଥିଲା । ଏହାକୁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମୁଖ୍ୟାଙ୍କ ସହିତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀମାନେ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ । ପ୍ରକାଶଥାଉକି ଏଥିପୂର୍ବରୁ ଜିଲ୍ଲାରସ୍ୱାଭିମାନ ଅଂଚଳ ସମେତ ସମସ୍ତ ବ୍ଲକ୍ ସ୍ତରୀୟ ଓ ଜିଲ୍ଲା ସ୍ତରରେ ଗୀତା ଆବୃତି କରାଯାଇ କୃତୀ ପ୍ରତିଯୋଗିତା ମାନଙ୍କୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାମିଲ କରାଯାଇଥିଲା ଓ ସେଠାରେ ସେମାନେ ସ୍ୱତନ୍ତ୍ର ସ୍ୱିକୃତି ଲାଭ କରିଥିଲେ ।ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଶିକ୍ଷା ଅନୁଷ୍ଠାନ ମୁଖ୍ୟଙ୍କ ସମେତ ଅନେକ ଅଭିଭାବକ ପ୍ରଜ୍ଞାନ ମିଶନର ଏହି ଯୁଗ ଉପଯୋଗୀ କାର୍ଯ୍ୟକ୍ରମରେ ଭୂରୀୟସି ପ୍ରଶଂସା କରିବା ସହ ଆଗାମୀ ବର୍ଷମାନଙ୍କରେ ଏହିପରି କାର୍ଯ୍ୟକ୍ରମର ନିରନ୍ତରତା ରକ୍ଷା କରିବା ନିମନ୍ତେ ଆଶା ପ୍ରକାଶ କରିଛନ୍ତି ।

## କବୟତ୍ରୀ ସବିତା ମହରାଙ୍କ କବିତା ସଂକଳନ ସମ୍ମୋହନ ଉନ୍ମୋଚିତ

ବଲାଙ୍ଗିର, ୩୦/୦୧ (ନି.ପ୍ର): କବୟିତ୍ରୀ ସବିତା ମହରାଙ୍କ ତୃତୀୟ କବିତା ସଂକଳନ 'ସମ୍ମୋହନ' ସ୍ଥାନୀୟ ସାମ୍ବାଦିକ ଭବନରେ ଏକ ଭବ୍ୟ ସମାରୋହରେ ଲୋକାର୍ପିତ ହୋଇଯାଇଛି । ସଭା ଆରମ୍ଭରେ କବୟିତ୍ରୀ ଶ୍ରୀମତୀ ମହରା ନିଜ ମନର କଥା କହିଥିବା ବେଳେ ଉନ୍ମୋଚିତ କବିତା ସଂକଳନର କିଛି କବିତା ଆବୃତି କରିଥିଲେ କବି ରାଜୀବ ଲୋଚନ ଆଚାର୍ଯ୍ୟ, ପୁସ୍ତମ ଜୁଆଡି, ସସ୍ମିତା ନେପାକ ଓ ରାଜୀବ ପ୍ରସାଦ ଭୋଇ । 'ସମ୍ମୋହନ' କବିତା ସଂକଳନର ଆବେଗିକ ଆଲୋଚନା କରିଥିଲେ କବି ରନ୍ମୟ ତ୍ରିପାଠୀ ।

ଏହି ଲୋକାର୍ପଣ ଉତ୍ସବରେ ବରେଣ୍ୟ ଅତିଥି ଭାବେ କଥାଶିଳ୍ପୀ ମଳୟ ମିଶ୍ର, ଆନନ୍ଦପୁର ସାହିତ୍ୟ ସଂସଦର ସମ୍ପାଦକ ପ୍ରଫେସର ଗଦାଧର ମିଶ୍ର, ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦାନ କରି ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରୁଥିବା ବେଳେ ମଂଚ ସଂଚାଳନ କରିଛନ୍ତି କବି ସନ୍ଦୀପ କୁମାର କୁଅଁର, ସାମ୍ବାଦିକ ବିଭୁ କଲ୍ୟାଣ ଗଡତ୍ୟାଙ୍କ ଧନ୍ୟବାଦ ଅର୍ପଣ ପରେ ମଧ୍ୟାହ୍ନ ବିରତି ରଖାଯାଇଥିଲା ।

# ନିଶା ଦେଇ ଭିତରକନିକାରୁ ବିଦେଶୀ ପକ୍ଷୀ ଶିକାର

ରାଜନଗର , ୩୦/୦୧ (ନି.ପ୍ର): ଭିତରକନିକା ଜାତୀୟ ଉଦ୍ୟାନ ଜଳବାୟୁ ଠିକ୍ ଥିବାରୁ ଓ ଖାଦ୍ୟ ପ୍ରଚୁର ମିଳୁଥିବାରୁ ବିଦେଶୀ ପକ୍ଷୀମାନେ ଭିଡ଼ ଜମାଇଛନ୍ତି । ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀ ଭିଡ଼ ଜମାଇଥିବାରୁ ପକ୍ଷୀ ଶିକାର କରିବା ପାଇଁ ଶିକାରୀମାନେ ସେମାନଙ୍କ ଜାଲ ବିଛାଇଛନ୍ତି । ବିଦେଶୀ ପକ୍ଷୀମାନେ ଓଦା ଥିବା ବିଲରୁ ଧାନ ଖାଇବାକୁ ଆସୁଥିବାରୁ ସେଠାରେ ନିଶା ଦେଇ ଏବେ ପକ୍ଷୀ ଶିକାର ଆରମ୍ଭ ହୋଇଯାଇଛି । ଆଜି ସକାଳେ ନିଶା ଦେଇ ପକ୍ଷୀ ଶିକାର କରାଯାଉଥିବା ଖବର ପାଇ ବନବିଭାଗର କର୍ମଚାରୀମାନେ ଚଢ଼ଉ କରି ୧୪ଟି ବିଦେଶୀ ପକ୍ଷୀ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛନ୍ତି । ଏହି ଘଟଣାରେ ସଂପୃକ୍ତ ମୁଖ୍ୟ ଶିକାରୀ ଫେରାର ହୋଇଯାଇଥିବା ଜଣାପଡିଛି । ଭିତରକନିକା ଜାତୀୟ ଉଦ୍ୟାନର ଭିତରକନିକା ଫରେଷ୍ଟ ବ୍ଲକ୍ ନିକଟ ଈଶ୍ୱରପୁର ପଞ୍ଚାୟତ ମାହାଲା ଗାଁ ନିକଟରେ ନିଶାଦେଇ ବିଦେଶୀ ପକ୍ଷୀ ଶିକାର ହୋଇଥିବା କନିକା ରେଂଜ ଅଫିସର ମାନସ କୁମାର ଦାସଙ୍କୁ ସୂଚନା ମିଳିଥିଲା । ରେଂଜ ଅଫିସରଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଫରେଷ୍ଟଗାର୍ଡ ଶ୍ରୀରାମ ମୁର୍ମୁ ଆଜି ଏହି ଗାଁ ଜଙ୍ଗଲ ନିକଟରେ ପହଞ୍ଚିବା ବେଳକୁ ଜଣେ ମହିଳା ରାଜବିଜୟନଗର ଗାଁର ରାଧିକା ମାଇତି (୩୮) ୫ଟି ବିଦେଶୀ ପକ୍ଷୀ ନିଜ ଟୋକେଇରେ ପୂରାଇଥିଲେ । ବନବିଭାଗ କର୍ମଚାରୀ ରାଧିକାଙ୍କୁ ଧରିବା ସହ ତାଙ୍କଠାରୁ ମୃତ ପକ୍ଷୀ ଜବତ କରିଥିଲେ । ବନବିଭାଗ କର୍ମଚାରୀଙ୍କୁ ଦେଖି ଅନ୍ୟ ୨/୩ଜଣ ପକ୍ଷୀ ଫୋପାଡି ଦୌଡି ପଳାଇଥିଲେ । ବନବିଭାଗର କର୍ମଚାରୀମାନେ ଅଜଗରପାଟିଆ ଗାଁର ମୁକ୍ତିପଦ ଦାସଙ୍କ ଘରୁ ଦୁଇଟି ପକ୍ଷୀ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ସେହି ଅଂଚଳରୁ ବନବିଭାଗ କର୍ମଚାରୀମାନେ ଲେସର ହୁଇସିଲିଂ ଡକ୍ ପ୍ରଜାତିର ୧୦ଟି ପକ୍ଷୀ ଓ ରୁଡି ସେଲଡକ ପ୍ରଜାତିର ୪ଟି ପକ୍ଷୀ ଜବତ କରିଥିଲେ । ଜବତ ପକ୍ଷୀଗୁଡିକଙ୍କ ଦେହରେ କ୍ଷତ ଚିହ୍ନ ରହିଛି । ଅଧିକାଂଶ ପକ୍ଷୀଙ୍କ ଦେହର ବିଭିନ୍ନ ସ୍ଥାନରେ ରକ୍ତ ଲାଗିଥିବା ଦେଖିବାକୁ ମିଳିଛି । ବନବିଭାଗଠାରୁ ମିଳିଥିବା ସୂଚନା ମୁତାବକ, ବଳଭଦ୍ରପୁର ଗାଁର ଚଗୁଲୁ ଦଳାଇ ବିଷଦେଇ ବିଦେଶୀ ପକ୍ଷୀ ଶିକାର କରି ବିକ୍ରି କରୁଥିବା ଅଭିଯୋଗ ମିଳିଥିଲା । ବନବିଭାଗ ଟିମ୍ ସୂଚନା ଆଧାରରେ ସେଠାରେ ପହଞ୍ଚିବା ବେଳକୁ ଚଗଲୁ ଫେରାର ହୋଇଯାଇଥିବା ବେଳେ ମୁକ୍ତିପଦ ଓ ରାଧିକା ଧରା ପଡିଛନ୍ତି । ଏହି ଦୁଇ ପ୍ରଜାତିର ବିରଳ ପକ୍ଷୀ ଆଦ୍ରଭୂମି, କାଦୁଆ ବିଲ ଓ ନଦୀ କୂଳରେ ଖାଦ୍ୟ ସଂଗ୍ରହ କରିଥାନ୍ତି । ଏହି ପକ୍ଷୀ ଅକ୍ଟୋବର ଶେଷ ବେଳକୁ ଭିତରକନିକାରେ ପହଞ୍ଚି ଏପ୍ରିଲ ସୁଦ୍ଧା ଫେରିଯାଇଥାନ୍ତି । ଜଙ୍ଗଲ ନିକଟରେ ଥିବା ଗାଁର ଧାନ କ୍ଷେତକୁ ଧାନ ଖାଇବାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କୁ ଧାନରେ ନିଶା ମିଶାଇ ଶିକାର କରୁଛନ୍ତି । ପକ୍ଷୀଗୁଡିକ ଏହି ନିଶାମିଶା ଧାନ ଖାଇବା ପରେ ତାଙ୍କୁ ନିଶା ହେବା ପରି ଘୁମାଇଥାନ୍ତି । ଏହାର ସୁଯୋଗ ନେଇ ଛକି ରହିଥିବା ଶିକାରୀମାନେ ଡେଙ୍ଗା ଓ ଲୁହାରଡ ମାଧ୍ୟମରେ ସେହି ପକ୍ଷୀଙ୍କୁ ବାଡାଇ ମାରିଥାନ୍ତି । ଏହାକୁ ନିଜେ ଶିକାର କରି ଖାଇବା ସହ ବିକ୍ରି କରିଥାନ୍ତି । ଅନ୍ୟପଟେ କନିକା ରେଂଜ୍ ଅଫିସର ମାନସ କୁମାର ଦାସ କହିଛନ୍ତି ଯେ, ଜବତ ପକ୍ଷୀର ବ୍ୟବଚ୍ଛେଦ କରାଯିବ । ବ୍ୟବଚ୍ଛେଦ ପରେ ତାଙ୍କୁ କେଉଁ ପ୍ରଜାତିର ନିଶା ଦିଆଯାଉଛି ତାହା ସ୍ପଷ୍ଟ ହେବ । ମୁଖ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି ।

# ଜରାଜୀର୍ଣ୍ଣ ପୁରାତନ ଗୋପୀନାଥ ଜିଉ ମନ୍ଦିର: ଗର୍ଭଗୃହରେ ଫାଟ, ଚରିଯାଇଛି ଚେର

## ଚୂଡ଼ାରେ ଠିଆ ହେଲାଣି ଗଛ, ବୁଡ଼ିବାକୁ ଗଲାଣି ଗଡ଼ଜାତ ସଂସ୍କୃତିର ପରମ୍ପରା



ଦଶପଲ୍ଲା , ୩୦/୦୧ (ନି.ପ୍ର): ନୟାଗଡ଼ ଜିଲ୍ଲାର ବିଭିନ୍ନ ଗଡଜାତ ଅଞ୍ଚଳ ମଧ୍ୟରେ ଦଶପଲ୍ଲା ଗଡ଼ଜାତ ସଂସ୍କୃତିର ପରମ୍ପରା ହେଉଛି ଅନ୍ୟତମ । ରାଜାରାଜୁଡ଼ା ଅମଳରୁ ପ୍ରତିଷ୍ଠିତ ଦଶପଲ୍ଲାର ସର୍ବପୁରାତନ ତଥା ବଡ଼ ମନ୍ଦିର ଭାବେ ରାଧାକାନ୍ତ, ଜଗନ୍ନାଥ, ମହାବୀର ଏବଂ ଗୋପୀନାଥ ମନ୍ଦିର ବେଶ୍ ଜଣାଶୁଣା । ଏସବୁ ମନ୍ଦିରର ସୁପରିଚାଳନା ଦାୟିତ୍ୱ ଏବେ ଦେବୋତ୍ତର ବିଭାଗ ଅଧୀନରେ । ବଡ଼କଥା ହେଉଛି, ଦେବୋତ୍ତର ବିଭାଗର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ହେତୁ ଦଶପଲ୍ଲା ଗଡ଼ଜାତ ସଂସ୍କୃତିରେ ଜରାଜୀର୍ଣ୍ଣ ହୋଇ ପଡ଼ିଲାଣି ମନ୍ଦିର ମାଳିନୀ । ଏହି ୪ଟି ମନ୍ଦିର ମଧ୍ୟରୁ ଗୋପୀନାଥ ଜିଉ ମନ୍ଦିରରେ ପୂଜା ପାଉଥିବା ଦିଅଁଙ୍କ ଆକାର ଜିଲ୍ଲାର ବିଭିନ୍ନ ମନ୍ଦିର ତୁଳନାରେ ବଡ଼ ଥିବା କୁହାଯାଉଛି । ମାତ୍ର ଏହାର ଅବସ୍ଥା ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇ ପଡ଼ିଲାଣି । ମନ୍ଦିର ଚୂଡ଼ାରେ ବଡ଼ବଡ଼ ଗଛ ଉଠି ଠିଆ ହେଲାଣି । ଗର୍ଭଗୃହ ବା ଭିତର ଗୁମୁଟରେ ବିରାଟ ଫାଟ ସୃଷ୍ଟି ହେବା ସହ ଛେଲା ଛାଡ଼ିଲାଣି । ଯାହାକି ମନ୍ଦିର ଚୂଡ଼ାରେ ଥିବା ଗଛର ଚେର ମନ୍ଦିର ଭିତରକୁ ପ୍ରବେଶ କରିବା ସହ ଅସରାଏ ବର୍ଷା ହେଲେ ମନ୍ଦିରରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଫଳରେ ମନ୍ଦିରଟି ଦିନକୁ ଦିନ ବିପଦସଂକୁଳ ହୋଇ ପଡ଼ିଲାଣି ।

ଏବେ ଆଉ ଆଗଭଳି ମନ୍ଦିରରେ ପରମ୍ପରା ଦେଖିବାକୁ ମିଳୁନି । ପୂର୍ବରୁ କାନିକା, ଡାଲି, ତରକାରୀ, ଖଟା ଓ ଖିରି ଭଳି ଦୁଇ ଥାଳି ଭୋଗ ହେଉଥିବା ବେଳେ ଏବେ ଏହା ଗୋଟିଏ ଥାଳିକୁ ଆସିଲାଣି । ଏପରିକି ବିଭିନ୍ନ ସମୟରେ ମଧ୍ୟ ଭୋଗ ବନ୍ଦ ହୋଇଯାଉଛି । ପ୍ରତିବର୍ଷ ଚନ୍ଦନ ଯାତ୍ରାରେ ସ୍ଥାନୀୟ ବାବୁବସା ପୋଖରୀରେ ଠାକୁରଙ୍କ ଭଉଁରୀ ଯାତ୍ରା ବା ଚାପ ଖେଳ ଅନୁଷ୍ଠିତ ହୋଇଥାଏ । ଅଞ୍ଚଳର ଶତାଧିକ ଜନସାଧାରଣଙ୍କ ସମାଗମ ହୋଇଥାନ୍ତି । ମାତ୍ର ଏହି ଯାତ୍ରା ଏବେ କିଛିବର୍ଷ ଧରି ବନ୍ଦ ହୋଇଯାଇଛି । ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ମନ୍ଦିର ବେଢ଼ାରେ ଥିବା ପୁରୁଣା କାରୁକାର୍ଯ୍ୟ ଦିନକୁ ଦିନ ଲୋପ ପାଇବାକୁ ବସିଲାଣି । ପୂର୍ବରୁ ଏଠାରେ ଅନେକ ସାଧୁସନ୍ଥ ରହୁଥିଲେ । ଏବେ ସେହି ସବୁ ଆଉ ଦେଖିବାକୁ ମିଳୁନାହିଁ । ଗୋପୀନାଥ ଜିଉ ମନ୍ଦିର ଅଧୀନରେ ଅନେକ ଜମି ରହିଥିବା ବେଳେ ମନ୍ଦିର ସମ୍ମୁଖରେ ଥିବା ପ୍ରାୟ ୧୦ ବଖରା ଘର ଭଡ଼ାରେ ଲାଗିଛି । ପ୍ରତିବର୍ଷ ଜମିରୁ କର ଆଦାୟ ହେଉଥିବା ବେଳେ ଦୋକାନରୁ ଭଡ଼ା ମଧ୍ୟ ଆଦାୟ କରାଯାଉଛି ।

# ଓଡ଼ିଶାର ଅନୁପମ ବୌଦ୍ଧ ପର୍ଯ୍ୟଟନ



ଏବେ ପର୍ଯ୍ୟଟନ ଋତୁ । କୋଭିଡ୍ କଟକଣା ପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ, ଐତିହ୍ୟପୀଠ ଓ କୀର୍ତ୍ତିସ୍ଥଳରେ ରହିଥିବା କଟକଟାଗୁଡ଼ିକୁ ହଟାଇ ନେବା ପରେ ଏହା ପର୍ଯ୍ୟଟକମାନଙ୍କ ପାଇଁ ଖୋଲି ଦିଆଯାଇଛି । ରାଜ୍ୟର ପ୍ରମୁଖ ଐତିହ୍ୟପୀଠ ତଥା ଦେଶ ବିଦେଶରେ ଖ୍ୟାଦି ଅର୍ଜନ କରିଥିବା ହୀରକ ତ୍ରିଭୁଜ ବଳୟ ଅନ୍ତର୍ଗତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ର ମଧ୍ୟରୁ ଯାଜପୁର ଜିଲ୍ଲାର ରତ୍ନଗିରି ଓ ଉଦୟଗିରି ଏବଂ କଟକ ଜିଲ୍ଲାର ଲଳିତଗିରିର ରହିଛି ବିଶେଷ ପରିଚିତି । ତେବେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ ଥିବା ବୌଦ୍ଧପୀଠ ମଧ୍ୟରୁ ଏହି ବୌଦ୍ଧପୀଠଗୁଡ଼ିକର ରହିଛି ବିଶେଷ ସ୍ୱତନ୍ତ୍ରତା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ, ଐତିହାସିକ ଏବଂ ସାଧାରଣ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଅତୀତରେ ରାଜ୍ୟ ସରକାର ବୌଦ୍ଧପୀଠ ଉଦୟଗୁରିଠାରେ ଆନ୍ତର୍ଜାତିକ ବୌଦ୍ଧଧର୍ମ ପର୍ଯ୍ୟଟନ ସମାରୋହ କରି ଏହାର ଗୁରୁତ୍ୱ ବୃଦ୍ଧି କରିଥିଲାବେଳେ କେଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଭାରତବର୍ଷର ବୋଧଗୟା, ସାରନାଥ, ନାଳନ୍ଦାଠାରୁ କୌଣସି ଗୁଣରେ କମ୍ ନଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକର ଉପଯୁକ୍ତ ବିକାଶ କରାଇଲେ । ଏହା ରାଜ୍ୟ ପର୍ଯ୍ୟଟନ ବିଭବକୁ ଅଧିକ ଋଦ୍ଧିମନ୍ତ କରାଇପାରନ୍ତା ।

## ॥ ରତ୍ନଗିରି ॥



ରାଜ୍ୟର ଏକ ସୁବିଖ୍ୟାତ ବୌଦ୍ଧପୀଠର ମାନ୍ୟତା ଲାଭ କରିଥିବା ରତ୍ନଗିରି ବୌଦ୍ଧ ମହାବିହାରର କଳାକୀର୍ତ୍ତି ଓ ଐତିହ୍ୟ ଏକ ବୌଦ୍ଧସ୍ମରଣୀୟ କୃତି । ବରି ବ୍ଲକ ଅନ୍ତର୍ଗତ ଏହି ରତ୍ନଗିରିଠାରେ ରହିଛି ଏକ ପ୍ରାଚୀନ ବୌଦ୍ଧଯୁଗୀୟ ବିଶ୍ୱବିଦ୍ୟାଳୟ, ବହୁ ପୁରାତନ ବୌଦ୍ଧମହାବିହାର, ଇଟା ନିର୍ମିତ ଏକ ବିଶାଳ ମହାସ୍ତୁପ, ମହାକାଳଙ୍କ ପବିତ୍ର ମନ୍ଦିର । ରତ୍ନଗିରି ଏକଦା ବୌଦ୍ଧ କାଳଚକ୍ରଯାନ ଓ ଯୋଗାଚାର ବିଜ୍ଞାନବାଦର ଏକ ମହିମାମଣ୍ଡିତ ପୀଠ ଭାବରେ ମଧ୍ୟଯୁଗୀୟ ସମୟରେ ସୁପରିଚିତ ଥିଲା । ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ରତ୍ନଗିରି ବୌଦ୍ଧମହାବିହାର ଥିଲା ପୁରାତନ ଭାରତବର୍ଷର ଏକ ପ୍ରାଚୀନତମ ବୌଦ୍ଧ ଶିକ୍ଷାକେନ୍ଦ୍ର । ଗୁପ୍ତ ସମ୍ରାଟ ନରସିଂହ ଗୁପ୍ତ ବାଳାଦିତ୍ୟ ଏହି ବିଖ୍ୟାତ ବୌଦ୍ଧପୀଠରେ ବୌଦ୍ଧଶ୍ରମଣ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସୁବିଶାଳ ବୌଦ୍ଧ ମହାବିହାର ଓ ସଂଘାରାମ ନିର୍ମାଣ କରିଥିଲେ ।



୧୯୦୩ ମସିହାରେ ଯାଜପୁରର ତତ୍‌କାଳୀନ ଏସ୍.ଡି.ଓ. ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ରତ୍ନଗିରି ବୌଦ୍ଧପୀଠର ପ୍ରାରମ୍ଭିକ ସର୍ବେକ୍ଷଣ କରାଯାଇଥିଲା ଓ ୧୯୫୮ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ଏହାର ପ୍ରଥମ ଉତ୍‌ଖନନ ଆରମ୍ଭ କରିଥିଲେ ଡକ୍ଟର ଦେବଳା ମିତ୍ର ନାମକ ଜଣେ ମହିଳା ପ୍ରତ୍ନତତ୍ତ୍ୱବିତ୍ । ରତ୍ନଗିରି ପ୍ରତ୍ନ ଉତ୍‌ଖନନରୁ ବିପୁଳ ପରିମାଣର ପ୍ରାଚୀନ ବୌଦ୍ଧକୀର୍ତ୍ତିରାଜି ସମେତ ବିଭିନ୍ନ ମୁଦ୍ରାରେ ଆସୀନ ମନୋଜ୍ଞ ବୌଦ୍ଧବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତି, ବସୁଧାରା, ପ୍ରଜ୍ଞାପାରମିତା, ମଂଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ଶହ ଶହ ପ୍ରତିମା ଆବିଷ୍କୃତ ହୋଇଛି । ରତ୍ନଗିରିଠାରେ ଥିବା ମନୋରମ ସଂଗ୍ରହାଳୟରେ ଏହି କଳାଭାସ୍କର୍ଯ୍ୟଗୁଡ଼ିକ ସ୍ଥାନ ପାଇଛି ।



## ॥ ଉଦୟଗିରି ॥

ବିରୂପା-କେଲୁଅ ନଦୀ ଉପତ୍ୟକା ଉପକଣ୍ଠରେ ଗଢ଼ି ଉଠିଥିବା ଏହି ବିଶିଷ୍ଟ ବୌଦ୍ଧବିହାର ବଡ଼ଚଣା ବ୍ଲକର ଉଦୟଗିରିଠାରେ ଅବସ୍ଥିତ । ବଅଡ଼ିହ-ଷୋଳପିଅମା’-ଉଦୟଗିରି ପାହାଡ଼ର ପରିବେଷ୍ଟନୀ ଭିତରେ ଏବଂ ଅପୂର୍ବ ପ୍ରାକୃତିକ ପରିବେଶରେ ଗଢ଼ି ଉଠିଥିବା ଏହି ସୁମହାନ ବୌଦ୍ଧପୀଠ ଭାରତବର୍ଷର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ମଧ୍ୟ ପରିଚିତ । ଉଦୟଗିରିଠାରେ ରହିଛି ବୌଦ୍ଧ ବଜ୍ରଯାନ ଯୁଗର ପ୍ରାଚୀନ ଦ୍ୱିତଳ ବୌଦ୍ଧବିହାର, ଯାହାକି ପଞ୍ଚରଥ ଶୈଳୀରେ ନିର୍ମିତ । ଉଦୟଗିରିର ଉତ୍‌ଖନନରୁ ଆବିଷ୍କୃତ ହୋଇଛି ପ୍ରାଚୀନ ମାଧବପୁର ବୌଦ୍ଧମହାବିହାର ଓ ଏକ ବିଶାଳ ମହାସ୍ତୁପ । ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀରେ ନିର୍ମିତ ଏହି ବିହାରଠାରୁ ଅଳ୍ପ ଦୂରରେ ଏକ ବିରଳତମ ଚୈତ୍ୟଗୃହ କମ୍ପ୍ଲେକ୍ସ ଓ ଦ୍ୱିତଳ ସିଂହପ୍ରସ୍ଥ ମହାବିହାର ମଧ୍ୟ ମାଟିତଳୁ ବାହାରିଛି । ଉଦୟଗିରିଠାରେ ବୌଦ୍ଧମହାବିହାର ସମେତ ଏକ ପ୍ରସ୍ତରକଟା ବିଶାଳ କୂପ, ମହାକାଳ ମନ୍ଦିର, ବୃହତ ରୋଷଶାଳା (କିଚେନ୍ କଂପ୍ଲେକ୍ସ) ସମେତ ଶତାଧିକ ବୌଦ୍ଧ ବିଗ୍ରହ ଆବିଷ୍କୃତ ହୋଇଛି । ଉଦୟଗିରିରୁ ଜଟାମୁକୁଟ ଲୋକେଶ୍ୱର, ଅମିତାଭ, ଆକ୍‌ସୌଭ୍ୟ, ମଂଜୁଶ୍ରୀ, ରତ୍ନସମ୍ଭବ, ପଦ୍ମପାଣି, ଅବଲୋକିତେଶ୍ୱର, ଜମ୍ଭାଳ, ଅପରାଜିତା, ହାରିତି ଇତ୍ୟାଦି ବୌଦ୍ଧମୂର୍ତ୍ତି ଉତ୍ମୂର୍ତ୍ତି ଉତ୍‌ଖତିତ ହୋଇଛି । ସେହିଭଳି ଏଠାରୁ ଖନନ ସମୟରେ ବହୁ ପ୍ରାଚୀନ ଶିଳାଲେଖ, ଅଳଙ୍କୃତ ସ୍ତମ୍ଭ, ଭୋଟିପ୍ (ଅର୍ଘ୍ୟ) ସ୍ତୁପ, ଚତୁର୍ଭୁଜାକାର ବିହାର, ସ୍ଥାପତ୍ୟ ଓ କଳା ଖୋଦିତ ବିଗ୍ରହ, ସିଲମୋହର, ସୁରେଇ, ଚିଲମ, ମାଟିନଳୀ, ପୋଡ଼ାମାଟିର ନଳୀ, ବିଭିନ୍ନ ପ୍ରକାର କୁଟକାମଯୁକ୍ତ ଟାପୁଆ ଇଟା ଆବିଷ୍କୃତ ହୋଇଛି ।







## ॥ ଲଳିତଗିରି ॥

କଟକ ଜିଲ୍ଲାରେ ବିରୂପା-ଚିତ୍ରୋତ୍ପଳା ନଦୀ ଉପତ୍ୟକାର ପୂର୍ବଘାଟ ପର୍ବତମାଳାର ଅସିହା ପର୍ବତଶ୍ରେଣୀର ନଣ୍ଡାପାହାଡ଼, ପାରାଭାଡ଼ି ଓ ଓଳାଶୁଣି ପାହାଡ଼ ମଧ୍ୟରେ ଲଳିତଗିରିର ଅବସ୍ଥିତି ସ୍ୱତନ୍ତ୍ର । ଲଳିତଗିରିର ପୁରାତାତ୍ତ୍ୱିକ ଅବଶେଷକୁ ୧୮୬୯ ମସିହାରେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ ଚନ୍ଦ୍ରଶେଖର ବାନାର୍ଜୀ । ୧୯୨୭-୨୮ରେ ରାମପ୍ରସାଦ ଚାନ୍ଦ ଏହି ବୌଦ୍ଧପୀଠର ପ୍ରଲେଖିକରଣ କରାଇଥିଲେ । ଏହି ପ୍ରମୁଖ ପୀଠର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ଥିବା ଯୋଗୁଁ ୧୯୩୭ ମସିହାରେ ଏହାକୁ ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ସ୍ମାରକ ଭାବେ ଘୋଷଣା କରାଯାଇଥିଲା । ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ତତ୍‌କାଳୀନ ଲଳିତଗିରିର ପ୍ରଥମ ପ୍ରାରମ୍ଭିକ ଖନନ କରାଯାଇଥିଲେ ମଧ୍ୟ ୧୯୮୫ ମସିହାରୁ ୧୯୯୧ ମସିହାଯାଏ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ (ଏ.ଏସ୍.ଆଇ.)ର ଭୁବନେଶ୍ୱର ମଣ୍ଡଳ ଏହି ପୀଠର ବ୍ୟାପକ ଓ ପୂର୍ଣ୍ଣାଙ୍ଗ ପ୍ରତ୍ନଖନନ କରିଥିଲେ । ଏହି ଉତ୍‌ଖନନରୁ ଏକ ବିଶାଳସ୍ତୁପର ଅବଶେଷ ମିଳିଥିଲା । ଏହି ସ୍ତୁପ ମଧ୍ୟରେ ଖଣ୍ଡୋଲାଇଟ ପଥରରେ ନିର୍ମିତ ତିନୋଟି ଅସ୍ଥି ଅବଶେଷର ଫରୁଆ (ରେଲିକ୍ସ କାସକେଟ୍) ମିଳିଥିଲା । ତିନୋଟି ଫରୁଆ ମଧ୍ୟରୁ ଗୋଟିଏ ଖାଲି ଥିଲାବେଳେ ଦୁଇଟି ଭିତରେ ଖଡ଼ିପଥର, ତା’ ଭିତରେ ରୂପା ଓ ତା’ ମଧ୍ୟରେ ସ୍ୱର୍ଣ୍ଣ ଲଘୁ ଫରୁଆର ସେଟ୍ ମିଳିଥିଲା ।ଉଭୟ ସ୍ୱର୍ଣ୍ଣ ଫରୁଆ ଭିତରେ ଦଗ୍ଧ ଅସ୍ଥି ଖଣ୍ଡରୂପରେ ଧାତୁ ଅଥବା ପୁରାବଶେଷ ମିଳିଥିଲା । ଲଳିତଗିରି ପୀଠ ଖନନରୁ ଚାରୋଟି ବୌଦ୍ଧବିହାରର ଅବଶେଷ ଆବିଷ୍କୃତ ହୋଇଛି । ଲଳିତଗିରିରେ ‘ଶ୍ରୀ ଚନ୍ଦ୍ରାଦିତ୍ୟ ବିହାର ସମଗ୍ର ଆର୍ଯ୍ୟ ଭିକ୍ଷୁ ସଂଘ’ ଲେଖା ହୋଇଥିବା ଏକ ମୃଣ୍ମୟ ମୁଦ୍ରାଛାପ (ସିଲ୍‌ମୋହର) ମିଳିଥିଲା, ଯାହାକି ଖ୍ରୀଷ୍ଟାବ୍ଦ ୯ମ-୧୦ମ ଶତାବ୍ଦୀର ବୋଲି ପ୍ରମାଣ ମିଳୁଛି । ଲଳିତଗିରିଠାରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି ।



# କ୍ୱିନୋଆ ପଲାଓ



**ସାମଗ୍ରୀ:**

ଏକ କପ୍ କ୍ୱିନୋଆ, ୨ ଚାମଚ ଘିଅ ବା ତେଲ, ୧ ଚାମଚ କଟା ପିଆଜ, ଏକ ଚାମଚ କଟା କଞ୍ଚା ଲଙ୍କା, ଅଧା ଚାମଚ ଅଦା-ରସୁଣ ପେଷ୍ଟ, ୧/୪ କପ୍ କା ଗାଜର, ୧/୪ ସବୁଜ ମଟର, ୨/୩ଟି କଟା ବିନ୍ସ, ଗୋଟିଏ ଛୋଟ କଟା ଟମାଟୋ, ୧୦/୧୨ଟି ପୋଦିନା ପତ୍ର, ୩/୪ ଚାମଚ ଗରମ ମସଲା, ୧/୪ ଚାମଚ ଲାଲ୍ ଲଙ୍କା ଗୁଣ୍ଡ ଓ ୨ କପ୍ ପାଣି ।

**ପ୍ରଣାଳୀ:**

- ପ୍ରଥମେ କ୍ୱିନୋଆକୁ ଏକ ପାତ୍ରରେ ନେଇ ୩/୪ କପ୍ ପାଣି ଦେଇ ଭଲ ଭାବେ ଧୋଇ ଦିଅନ୍ତୁ ।
- ପରେ ଏଥିରେ ଥିବା ସମସ୍ତ ପାଣିକୁ ନିଗାଡ଼ି ନିଅନ୍ତୁ ।
- ଏବେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ କଟା ପିଆଜକୁ ପକାଇ ସୁନେଲୀ ହେବା ଯାଏ ଭାଜନ୍ତୁ ।
- ଭଜା ପିଆଜରେ ଅଦା-ରସୁଣ ପେଷ୍ଟ ପକାଇ ହଳଦୀ ଗୁଣ୍ଡ, ଲାଲ୍ ଲଙ୍କା ଗୁଣ୍ଡ ଓ ଗରମ ମସଲା ପକାନ୍ତୁ ।
- ଏବେ କଟା ହୋଇଥିବା ପରିବାକୁ ଭଜା ମସଲାରେ ପକାନ୍ତୁ । ଭଲ ଭାବେ ମିଶାଇ ୨ ମିନିଟ୍ ପାଇଁ ଢାଙ୍କୁଣୀ ଢାଙ୍କି ଦିଅନ୍ତୁ । ଗ୍ୟାସ୍‌କୁ ସାମାନ୍ୟ ସିମ୍ କରି ଦିଅନ୍ତୁ ।
- ସାମାନ୍ୟ ଫୁଟିବା ପରେ ସେଥିରେ କ୍ୱିନୋଆକୁ ପକାଇ ଢାଙ୍କି ଦିଅନ୍ତୁ । ସେଥିରେ ଥିବା ପାଣି ଭଲରେ ଶୁଖିବା ଯାଏ ଛାଡ଼ି ଦିଅନ୍ତୁ ।
- ପାଣି ଭଲ ଭାବେ ଶୁଖିବା ପରେ କ୍ୱିନୋଆଗୁଡ଼ିକ ଫୁଲି ଫୁଲି ଯିବ । ଏବେ ଏହାକୁ ପରିବେଷଣ କରିବା ସମୟରେ ଲେମ୍ବୁ ରସ ପକାଇବାକୁ ଭୁଲନ୍ତୁ ନାହିଁ ।

# ଯୁବପିଢ଼ିଙ୍କ ପସନ୍ଦ ଷ୍ଟାଇଲିସ୍ ସ୍ଲିଙ୍ଗ୍ ବ୍ୟାଗ୍

**ମେସେଞ୍ଜର ବ୍ୟାଗ୍:** ମେସେଞ୍ଜର ବ୍ୟାଗ୍‌ଟି ସ୍ଲିଙ୍ଗ୍ ବ୍ୟାଗ ତୁଳନାରେ ଟିକେ ବଡ଼ ରହୁଛି । ଏଥିରେ ସ୍ଲିଙ୍ଗ୍ ବ୍ୟାଗରେ ନିଆଯାଇ ପାରୁଥିବା ଦରକାରୀ ସାମଗ୍ରୀ ସମେତ ଆଉ କିଛି ଅଧିକ ଏବଂ ବଡ଼ ଆକୃତିର ଜିନିଷପତ୍ର ନେବାଆଣିବା କରିହେଉଛି । ଯଥା ସରକାରୀ କାଗଜପତ୍ର, ମିନି ଲାପଟପ୍ ଏବଂ ଆଇପ୍ୟାଡ୍ ଆଦି ନିଆଯାଇ ପାରୁଛି ।



**ଭଳିକି ଭଳି ଡିଜାଇନ୍:** ସ୍ଲିଙ୍ଗ୍ ବ୍ୟାଗଗୁଡ଼ିକ ବିଭିନ୍ନ ଡିଜାଇନରେ ପ୍ରସ୍ତୁତ ହୋଇଛି । ପୁରୁଷମାନେ ଗାଡ଼ି ଚଳାଇବା କିମ୍ୱା ଯିବାଆସିବା ସମୟରେ ହାତରେ ଧରି ପାରୁଛନ୍ତି କିମ୍ବା କାନ୍ଧରେ ପକାଇ ପାରୁଛନ୍ତି । କାନ୍ଧରେ ପକାଇବା ପରେ ବ୍ୟାଗ୍‌ଟି ସାଧାରଣତଃ ଅଣ୍ଟା ପାଖରେ ଝୁଲି ରହୁଛି । ଫଳରେ ଏଥିରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ନେବା ସହଜ ହେଉଛି । ବିଭିନ୍ନ ରଙ୍ଗରେ ଏହି ବ୍ୟାଗ୍‌ଗୁଡ଼ିକ ଆସୁଛି । ଯୁବକମାନେ ହାଲୁକା ରଙ୍ଗର ସ୍ଲିଙ୍ଗ୍ ବ୍ୟାଗ ପସନ୍ଦ କରୁଥିବାବେଳେ ମହିଳାମାନେ ଟିକେ ରଙ୍ଗିନ ବ୍ୟାଗ୍ ନେବାକୁ ପସନ୍ଦ କରୁଛନ୍ତି ବୋଲି ରାଜଧାନୀର ଗୋଟିଏ ପ୍ରମୁଖ ସୋରୁମ୍‌ର ସ୍ୱତ୍ୱାଧିକାରୀ କହିଛନ୍ତି । ସେହିଭଳି ବିଭିନ୍ନ ମ୍ୟାଟେରିଆଲ୍‌ରେ ଏହି ବ୍ୟାଗଗୁଡ଼ିକ ଆସୁଛି । କରୋନା ପାଇଁ ଏହି ବ୍ୟବସାୟୀ କିଛିଟା ପ୍ରଭାବିତ ହୋଇଛି । ସ୍କୁଲ କଲେଜ ଦୀର୍ଘଦିନ ଧରି ବନ୍ଦ ରହିବା ସହିତ କମ୍‌ସଂଖ୍ୟକ କର୍ମଚାରୀଙ୍କୁ ନେଇ ଅଫିସ ଚାଲିବା ଯୋଗୁ ଏହାର ଚାହିଦା କମିଯାଇଥିଲା ।



**ଦାମ୍ ଓ ବ୍ରାଣ୍ଡ:** ବ୍ରାଣ୍ଡେଡ୍ କମ୍ପାନୀ ଗୁଡ଼ିକ ଏକ୍ଷେତ୍ରରେ ପ୍ରବେଶ କରିଛନ୍ତି । ସେମାନଙ୍କ ମଧ୍ୟରେ ୱାଇଲ୍‌ଡକ୍ରାଫ୍ଟ, ଫାଷ୍ଟଟ୍ରାକ୍, ଲାଭି, ଭିଆଇପି, ଆମେରିକାନ୍ ଟୁରିଷ୍ଟର, ସାମସୋନାଇଟ ଏବଂ ସଫାରି ଆଦି କମ୍ପାନି ରହିଛନ୍ତି । ଏକ୍ସକ୍ଲୁସିଭ ସୋ’ ରୁମ୍ ସମେତ ମଲ୍ଟି ବ୍ରାଣ୍ଡ ସୋରୁମ୍‌ରେ ଏହି ବ୍ୟାଗ୍ ଉପଲବ୍ଧ ହେଉଛି । ୱାଇଲ୍ଡକ୍ରାଫ୍ଟ ସୋରୁମ୍‌ରେ ଏହି ଦୁଇ ପ୍ରକାର ବ୍ୟାଗ୍ ମଧ୍ୟରୁ ସ୍ଲିଙ୍ଗ୍ ବ୍ୟାଗର ଦାମ୍ ୪୦୦ ଟଙ୍କାରୁ ଆରମ୍ଭ ହୋଇ ୧୦୯୯ ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିଭଳି ମେସେଞ୍ଜର ବ୍ୟାଗ୍‌ଗୁଡ଼ିକର ଦାମ୍ ୮୫୦ ଟଙ୍କାରୁ ଆରମ୍ଭ ହୋଇ ୧୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି ।

ଯୁବବର୍ଗର ଲୋକମାନେ ଆଜିକାଲି ଅଧିକାଂଶ ସମୟରେ ବାହାରକୁ ବିଭିନ୍ନ କାର୍ଯ୍ୟରେ ଯାଉଛନ୍ତି । ଅଫିସକୁ ଯିବା ସହିତ ବାହାରକୁ ଯାତ୍ରା କରୁଛନ୍ତି । ଏଥିପାଇଁ ସାଥୀରେ ଅନେକ କିଛି ଆବଶ୍ୟକ କାଗଜପତ୍ର, ମୋବାଇଲ ଫୋନ, ଟଙ୍କା ପଇସା ଆଦି ନେବାକୁ ପଡୁଛି । ମହିଳାମାନଙ୍କୁ ମଧ୍ୟ ଏସବୁ ଆବଶ୍ୟକ ସାମଗ୍ରୀ ସହିତ ପ୍ରସାଧାନ ସାମଗ୍ରୀ ବାହାରକୁ ଯିବା ସମୟରେ ନେବାକୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ବଜାରରେ ବିଭିନ୍ନ ପ୍ରକାର ବ୍ୟାଗ୍ ଆସିଯାଇଛି । ବିଶେଷକରି ଟ୍ରାଭେଲ୍ ସାମଗ୍ରୀ ପ୍ରଦାନ କରୁଥିବା କମ୍ପାନୀ ଗୁଡ଼ିକ ଏସବୁ ବ୍ୟାଗ୍ ବଜାରରେ ବିକ୍ରି କରୁଛନ୍ତି । ଏହି ବ୍ୟାଗ୍‌ଗୁଡ଼ିକୁ ମୁଖ୍ୟତଃ ସ୍ଲିଙ୍ଗ୍ ବ୍ୟାଗ୍ କୁହାଯାଉଛି । ବିଶେଷକରି ଆଇଟି କ୍ଷେତ୍ରରେ ଏବଂ ଭଲ ଭଲ କର୍ପୋରେଟ୍ କାର୍ଯ୍ୟାଳୟରେ ଚାକିରି କରୁଥିବା ଯୁବକ ଓ ଯୁବତୀମାନେ ଏହି ବ୍ୟାଗ୍ ଅଧିକ ମାତ୍ରାରେ କିଣୁଛନ୍ତି । କେବଳ ଆବଶ୍ୟକତା ପୂରଣ ନୁହେଁ, ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ଜଣାଇବା ପାଇଁ ଗ୍ରାହକମାନେ ଏହି ଷ୍ଟାଇଲିସ୍ ବ୍ୟାଗ୍ କିଣୁଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଗାମୀ ବଜେଟ୍...

ବଜେଟ୍ ୨୦୨୩-୨୪ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ହେବାକୁ ଯାଉଛି ଫେବୃଆରୀ ୧ ତାରିଖରେ। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଏହା ହେବ ତାଙ୍କ ଦ୍ୱାରା ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟ୍। ପୁଣି ଚଳିତ ବର୍ଷ ଅର୍ଥାତ ୨୦୨୩ରେ ବେଶ୍ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ସବୁ ଦିଗକୁ ନଜର ରଖି ଅତ୍ୟନ୍ତ ସାବଧାନତାର ସହିତ ଅର୍ଥମନ୍ତ୍ରୀ ଏହି ବଜେଟ୍ ଉପସ୍ଥାପନ କରିବା ଆଶା କରାଯାଏ। ପୁଣ୍ଟ, ବଜେଟ୍ ସହିତ ଅର୍ଥନୀତିକ ସର୍ଭେ ରିପୋର୍ଟ ଭଳି କେତେକ ଅତିରିକ୍ତ ନୀତିଗତ ଦସ୍ତାବିଜ୍ ମଧ୍ୟ ପ୍ରକାଶ ପାଇଥାଏ ଯାହା ଦେଶର ପ୍ରକୃତ ଅର୍ଥନୀତିକ ସ୍ୱାସ୍ଥ୍ୟର ପ୍ରତିଫଳନ ଘଟାଇବା ସଙ୍ଗେ ସଙ୍ଗେ ମଧ୍ୟବର୍ତ୍ତୀକାଳୀନ ଅବସ୍ଥାରେ ଦେଶ କେଉଁ ଦିଗରେ ଗତି କରିବ, ତାର ସୂଚନା ପ୍ରଦାନ କରିଥାଏ। ଗତ ବର୍ଷର ଅର୍ଥନୀତିକ ରିପୋର୍ଟ ଥିଲା ଏକ ଚତୁରତାପୂର୍ଣ୍ଣ ଦସ୍ତାବିଜ୍, ଯାହା ମହାମାରୀ ଯୋଗୁଁ ନିମ୍ନଗତିର ସମ୍ମୁଖୀନ ହୋଇଥିବା ଏକ ଅର୍ଥନୀତି ନିମନ୍ତେ ନୀତିଗତ ପ୍ରତିକ୍ରିୟାରେ ଏକ 'କୌଶଳପୂର୍ଣ୍ଣ ଆଭିମୁଖ୍ୟ' ଉପରେ ଗୁରୁତ୍ୱାରୋପ କରିଥିଥିଲା। ଏହା ବାଦ୍ ଗତ ବର୍ଷର ଅର୍ଥନୀତିକ ସର୍ଭେ ରିପୋର୍ଟରେ ଦ୍ୱିତୀୟ ବିଷୟବସ୍ତୁ ଭାବରେ ଯାହା ଉପରେ ଆଲୋକପାତ କରାଯାଇଥିଲା, ତାହା ଥିଲା- 'ଅତ୍ୟଧିକ ଅନିଶ୍ଚିତତା ସମୟରେ ନୀତି ନିର୍ଦ୍ଧାରଣର କଳା ଓ ବିଜ୍ଞାନ'ର ପ୍ରତିଫଳନ। ସେ ଯାହାହେଉ, ମୋଟାମୋଟି ଏହା ଥିଲା ମହାମାରୀ ଉପରାନ୍ତ ସମୟରେ ଏକ ଦୁର୍ବଳ ଅର୍ଥନୀତିକୁ ସବଳ କରାଇବା ନିମନ୍ତେ ଆବଶ୍ୟକ ଉଦ୍ୟମର ଚିଠା। ଆଉ ଏହାର ପରିଣତି ବର୍ତ୍ତମାନ ସୁଖଦ ହେବା ଆରମ୍ଭ କରିଛି। ଚଳିତ ବଜେଟ୍‌ରେ ଶୀମତୀ ସୀତାରମଣଙ୍କୁ ଆର୍ଥିକ ସମ୍ବଳଗୁଡ଼ିକ ଉପରେ ବହୁବିଧ ଉତ୍ସରୁ ପଡୁଥିବା ଚାପର ସୁପରିଚାଳନା ସହିତ ଭୋଟରମାନଙ୍କ ମନରେ ଆଶ୍ୱସ୍ତି ଆଣିଦେବା ଭଳି ଉପଯୁକ୍ତ ପଦକ୍ଷେପମାନ ନେବାକୁ ପଡ଼ିବ। ଏହା ବ୍ୟତୀତ ଦେଶର ନିଅଣ୍ଟିଆ ସ୍ଥିତିରେ ସୁଧାର ଆଣିବା ସଙ୍ଗେ ଅଭିବୃଦ୍ଧିର ହାରକୁ ଉର୍ଦ୍ଧ୍ୱଗାମୀ କରାଇବା ପାଇଁ ତାଙ୍କୁ ବଜେଟ୍‌ରେ ଏଥି ଅନୁକୂଳ ବ୍ୟବସ୍ଥାମନ କରିବାକୁ ପଡ଼ିବ। ସୁଖର କଥା ଯେ ଚଳିତ ବର୍ଷ ଆଦାୟ ହୋଇଥିବା ଟିକସ ରାଜସ୍ୱ ଅର୍ଥମନ୍ତ୍ରୀଙ୍କୁ ଆର୍ଥିକ ନିଅଂଟ ଲକ୍ଷ୍ୟ, ଯାହା ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି)ର ୬.୪ ପ୍ରତିଶତ ରହିଛି, ତାକୁ ପୂରଣ କରିବାପାଇଁ ଅନେକାଂଶରେ ଆଶ୍ୱସ୍ତି ଆଣିଦେବ। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହା ଜିଡିପିର ୪.୫ ପ୍ରତିଶତକୁ ଖସାଇବା ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ କରିବା ଦିଗରେ ଅର୍ଥମନ୍ତ୍ରୀଙ୍କୁ ପଥ ପରିଷ୍କାର କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ସାମ୍ପ୍ରତିକ ସମୟରେ ଯେଉଁଭଳି ଭାବେର ଚାଲୁଖାତା ନିଅଂଟର ପରିମାଣ ବଢ଼ି ବଢ଼ି ଚାଲିଛି, ତାହା ଅବଶ୍ୟ ଏକ ଚିନ୍ତାଜନକ କାରଣ ଭାବରେ ଉଭା ହେବ। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଅବଧିରେ ବିଭିନ୍ନ ପ୍ରକାରର ସାମଗ୍ରୀଗୁଡ଼ିକର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସର୍ବକାଳୀନ ଅଧିକ ନିଅଂଟିଆ ପରିସ୍ଥିତି ଦେଖା ଦେଇଥିବାବେଳେ ୨୦୧୨-୧୩ରୁ ରପ୍ତାନୀ କାରବାର କ୍ଷେତ୍ରରେ ଚାହିଦାର ଅଭାବ ସର୍ବବୃହତ୍ ବାହ୍ୟ ନିରୁତ୍ସାହଜନକ କାରକ ଭାବରେ ରହି ଆସିଛି। ଆମଦାନୀ ବିଲରେ ହ୍ରାସ ଘଟାଇବା ନିମନ୍ତେ ଅର୍ଥମନ୍ତ୍ରୀ ଅଣଗୁରୁତ୍ୱପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ କଷ୍ଟମସ୍ ଶୁଳ୍କ ବୃଦ୍ଧି କରିବାର ସମ୍ଭାବନା ରହିଛି। ଏହା କରିବାବେଳେ ତାଙ୍କୁ ଏକଥା ଉପରେ ମଧ୍ୟ ନଜର ଦେବାକୁ ପଡ଼ିବ ଯେ ଭାରତୀୟ ଉତ୍ପାଦକମାନେ ଯେପରି ବିଶ୍ୱ ଯୋଗାଣ ଶୃଙ୍ଖଳ ସହିତ ଯୋଡ଼ିହେବା ଦିଗରେ କୌଣସି ପ୍ରକାର ବ୍ୟାଘାତ ସୃଷ୍ଟି ନହୁଏ। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ଅର୍ଥନୀତିକୁ ବେଶ୍ କିଛି ବଳ ଯୋଗାଇ ଆସୁଛି ରପ୍ତାନୀ କ୍ଷେତ୍ର। ତେବେ ଆଗାମୀ ସମୟରେ ଏହା ଦୋଦୁଲ୍ୟମାନ ଅବସ୍ଥାକୁ ଚାଲିଯିବା ଅନୁମାନ କରାଯାଉଛି, ଯଦିଓ ପାଶ୍ଚାତ୍ୟ ଜଗତରେ ଆର୍ଥିକ ମାନ୍ଦାବସ୍ଥା ଆଶା କରାଯାଉଥିବା ମାତ୍ରାଠାରୁ କମ୍ ରହିଛି। ଚଳିତ ବର୍ଷ ଦେଶର ଅର୍ଥନୀତିକ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବ ବୋଲି ଯାହା ଆଶା କରାଯାଉଥିଲା, ତା'ଠାରୁ କମ୍ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନଙ୍କ ମତ। ତେଣୁ ବର୍ତ୍ତମାନ ଅର୍ଥମନ୍ତ୍ରୀଙ୍କ ସମ୍ମୁଖରେ ଯେଉଁ ବଡ଼ ଆହ୍ୱାନଟି ରହିଛି, ତାହା ହେଉଛି, ଏହା ୬ ପ୍ରତିଶତରୁ ଯେପରି ତଳକୁ ନଖସେ, ସେ ବାବଦରେ ସୁନିଶ୍ଚିତ କରାଇବା।

# ନିଖୋଜ ହେଉଛି ଋତୁ



**ବାଦଲ ଭୂୟାଁ**

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟରର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି? କାହିଁକି ତରଳୁଛି ବରଫ ମେରୁ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
(ମୋ) : ୭୪୮୮୯୯୮୫୩୨,


# ଚୀନର ଜନସଂଖ୍ୟା ଭାରତ ପାଇଁ ଶିକ୍ଷା



**ସୌଭାଗ୍ୟ ରଂଜନ ମହାନ୍ତି**

କ୍ରମାଗତ ୬ଦଶନ୍ଧି ପରେ ପ୍ରଥମ ବର୍ଷ ଭାବେ ୨୦୨୨ରେ ଜନସଂଖ୍ୟା ୮.୫ ଲକ୍ଷ କୋଟି ହ୍ରାସ ପାଇଥିବା ଚୀନ ଘୋଷଣା କରିଛି। ଶେଷଥର ପାଇଁ ଗତ ୧୯୬୧ ମସିହାରେ ଚୀନରେ ଜନସଂଖ୍ୟା ବୃଦ୍ଧି ପାଇଥିଲା। ତେବେ ଏହି ଜନସଂଖ୍ୟା ହ୍ରାସର କାରଣ ଥିଲା ଦୁର୍ଭିକ୍ଷ। ଦୁର୍ଭିକ୍ଷରେ ଖାଇବାକୁ ନପାଇ ଲକ୍ଷଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା କିନ୍ତୁ ଏବେ ଚୀନର ଜନସଂଖ୍ୟା ୮କୋଟି ୫୦ଲକ୍ଷ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଚୀନ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ହୋଇଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଚଳିତ ୨୦୨୩ରେ ଚୀନକୁ ଅତିକ୍ରମ କରି ଭାରତ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ହେବ ବୋଲି ଜାତିସଂଘ ଭବିଷ୍ୟବାଣୀ କରିଛି। ଗତ ୧୭ ତାରିଖ ଦିନ ଚୀନ ଘୋଷଣା କରିଛି ଯେ, ଗତ ବର୍ଷ ନୂତନ ଜନ୍ମ ୧୦ ପ୍ରତିଶତ ହ୍ରାସ ପାଇଁ ୯୫.୬ ଲକ୍ଷ ଶିଶୁ ଜନ୍ମଗ୍ରହଣ କରିଛନ୍ତି। ସେହିପରି ଗତବର୍ଷ ୧୦୪.୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏବେ ଚୀନର ଲୋକସଂଖ୍ୟା ୧୪୧କୋଟି ୧ ଲକ୍ଷରେ ପହଁଚିଛି ସମ୍ଭବତଃ ଭାରତର ଜନସଂଖ୍ୟା ଏବେ ଚୀନକୁ ଟପିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଯାହାକି ଜାତିସଂଘର ପୂର୍ବାନୁମାନକୁ ସତ୍ୟରେ ପରିଣତ କରିବାକୁ ଯାଉଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଚୀନ ୧୯୮୦ ମସିହାରେ ଗୋଟିଏ ଶିଶୁ ନୀତି ପ୍ରଣୟନ କରିଥିଲା। ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଦେଶର ପ୍ରଗତିରେ ବାଧକ ହୋଇଥିବାରୁ ଚୀନ 'ଗୋଟିଏ ଶିଶୁ' ନିୟମ ବାଧ୍ୟତାମୂଳକ କରିଥିଲା। ମାତ୍ର ବାସ୍ତବରେ ଏହି ନୀତି ଚୀନର ଅର୍ଥନୀତି, ପ୍ରଗତିରେ ମୁଖ୍ୟ ବାଧକ ହୋଇଛି। ଚୀନରେ ଯୁବପିଢ଼ୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। କୁହାଯାଇଛି ଯେ, ୨୦୨୨ରେ ଚୀନରେ ୧୬ରୁ ୫୯ବର୍ଷ ଶ୍ରମଜୀବୀ ଗ୍ରୁପର ବୟସ୍କଙ୍କ ସଂଖ୍ୟା ୮୭୫ ମିଲିଅନ ଥିଲା। ଗତ ୨୦୧୦ ମସିହାଠାରୁ ଏହି ବୟସ୍କ ଗ୍ରୁପ ଲୋକଙ୍କ ସଂଖ୍ୟା ୭୫ ମିଲିଅନ ହ୍ରାସ ପାଇଛି। କହିବା ଉଚିତ୍ ଯେ, ଚୀନରେ ଶ୍ରମଜୀବୀ ଗ୍ରୁପର ଜନସଂଖ୍ୟା ହ୍ରାସ ପାଇଥିବାବେଳେ ବୟସ୍କ ବୋଝ ବଢିଚାଲିଛି। ଯାହାକି ଏବେ ଦେଶର ପ୍ରଗତିରେ ବାଧକ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟିରେ ରଖି ଚୀନ ୨୦୧୬ରେ ଦୁଇଟି ଶିଶୁ ନୀତି ଲାଗୁ କରିଥିବାବେଳେ ୨୦୨୧ରୁ ଦୁଇ ତିନି ଶିଶୁ ନୀତି ଲାଗୁ କରିଛି। ଅନ୍ୟପକ୍ଷରେ ଆର୍ଥୀକ ଦୃଷ୍ଟି କୋଣରୁ ଚୀନରେ ୭୦ ପ୍ରତିଶତ ଦମ୍ପତିଙ୍କର ଏକାଧିକ ଶିଶୁ ନଥିବା ସରକାରୀ ସର୍ଭେ ରିପୋର୍ଟରେ କୁହାଯାଇଛି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଚୀନରେ ଏବେ ୬୦ ବର୍ଷରୁ ଉର୍ଦ୍ଧ୍ୱ ନାଗରୀକଙ୍କ ସଂଖ୍ୟା ୩୦ ମିଲିୟନ ବୃଦ୍ଧି ପାଇ ୨୮୦ ମିଲିୟନରେ ପହଁଚିଛି। ତେବେ ୨୦୫୦ ମସିହା ସୁଦ୍ଧା ବ୍ୟୟ ଜିଡିପିର ୨୬ ପ୍ରତିଶତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ଜାତିସଂଘ ରିପୋର୍ଟରେ କୁହାଯାଇଛି ଯେ, ୨୦୩୦ ସୁଦ୍ଧା ଚୀନର ୧୬ରୁ ୫୯ ବର୍ଷ ବୟସ୍କଙ୍କ ସଂଖ୍ୟା ୮୦୦ ମିଲିଅନରେ ପହଁଚିବ, ଯାହାକି ଭାରତ ଠାରୁ ୧୦ ପ୍ରତିଶତ କମ୍ ରହିବ। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ବିଶ୍ୱ ଜନସଂଖ୍ୟା ଏବେ ୮୦୦ କୋଟି ଅତିକ୍ରମ କରିଥିବା ବେଳେ ୨୦୫୦ ସୁଦ୍ଧା ଏହା ୯୭୦ କୋଟିରେ ପହଁଚିବ। ଅନ୍ୟପକ୍ଷରେ ଭାରତର ଜନସଂଖ୍ୟା ଏବେ ୧୪୧ କୋଟି ୪୪ଲକ୍ଷ ୯୬ ହଜାର ୬୯ରେ ପହଁଚିଥିବା ରିପୋର୍ଟରେ କୁହାଯାଇଛି। ଯାହାକି ଚୀନକୁ ଟପିଯାଇଥିବା କୁହାଯାଇପାରେ। ଭାରତ ପ୍ରଜନନ ହାର ୨୦୧୯-୨୧ରେ ୨ରୁ କମ୍ ରହିଥିଲା। ଭାରତରେ କଠୋର ଜନ୍ମ ନିୟନ୍ତ୍ରଣ ନିୟମ ନଥିବା ସତ୍ତ୍ୱେ ଦେଶର ଯୁବ ପିଢ଼ୀ ଯେ, ଏ ଦିଗରେ ଯଥେଷ୍ଟ ସଚେତନ, ତାହା ସ୍ୱୀକାର କରିବାକୁ ହେବ। ବହୁ ଦମ୍ପତି ଏକକ ସନ୍ତାନ ନୀତିକୁ ଆଦରି ନେଇଛନ୍ତି। ସେ ପୁଅ ହେଉ ବା ଝିଅ ହେଉ। ପୁଅ ଝିଅ ମଧ୍ୟରେ କୌଣସି ପ୍ରଭେଦ ନାହିଁ, ଏହାକୁ ଯୁବ ପିଢ଼ୀ ଗ୍ରହଣ କରି ସାରିଛନ୍ତି। ଭାରତର ଜନସଂଖ୍ୟା ବଢି ଚାଲିଥିଲେ ମଧ୍ୟ ଦେଶର ପ୍ରଗତି, ଅର୍ଥନୀତି ପ୍ରତି କୌଣସି ପ୍ରତିବନ୍ଧକ ହେବ ନାହିଁ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ବିଶ୍ୱରେ ୱାର୍କିଂ ଏଜ ଲୋକସଂଖ୍ୟ ୬୫ ପ୍ରତିଶତ ଥିବାବେଳେ ଭାରତରେ ୬୮ ପ୍ରତିଶତ ରହିଛି। କିନ୍ତୁ ନିଯୁକ୍ତି ବଜାରରେ ମହିଳାଙ୍କ ଶ୍ରମହାର ମାତ୍ର ୪୬ପ୍ରତିଶତ ରହିଛି। ଇଣ୍ଡୋନେସିଆରେ ଏହି ହାର ୬୮% ପ୍ରତିଶତ ଥିବାବେଳେ ଭିଏତନାମରେ ୭୪ ପ୍ରତିଶତ ରହିଛି। ଇଣ୍ଡୋନେସିଆ ଓ ଭିଏତନାମର ସ୍ଥିତି ଦୃଷ୍ଟିରୁ ଭାରତରେ ମହିଳା ଶ୍ରମ ଫୋର୍ସ ଅତି ନଗଣ୍ୟ, ଏ ନେଇ ଏବେ ଚିନ୍ତାକରିବାର ସମୟ ଆସିଛି। ଅବଶ୍ୟ ସରକାର ମହିଳା ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସୁଖର ବିଷୟ। ଯାହାକି ଦେଶର ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ତେବେ ଚୀନ ଏବେ ଯେଉଁ ସଂକଟର ସମ୍ମୁଖୀନ ହୋଇଛି, ସେଥିରୁ ଭାରତ କିଛି ଶିକ୍ଷା କରିବ ବୋଲି ଆମର ଆଶା।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
(ମୋ) ୯୪୩୭୯୯୪୩୭୯





## ଦେହାଧି ଦେଶ ଭାରତ

**ସୁରେନ୍ଦ୍ର ନାଥ ସାହୁ**

କଣ କଣରେ ବଳିଦାନୀଙ୍କ ଲାଲ ଲହୁ
ଆଜି ବି ରହିଛି ଜୀବନ୍ତ
ଶିରା ଶିରାରେ ଉତ୍ସର୍ଗତାର ପୂତ ପ୍ରାଣ
ହୁଏ ଅନବରତ ପ୍ରବାହିତ।
ଦେଶ ପ୍ରେମୀଙ୍କ ଆହୁତ ଆତ୍ମା ଅନଳେ
ରାଷ୍ଟ୍ର ପ୍ରେମ ଅଛି ପ୍ରାଣବନ୍ତ
ଯେ ମାଟି କେବଳ ଏକ ଭୂଖଣ୍ଡ ନୁହେଁ
ମା ନାମରେ ଯେ ପୂଜିତ।
ପ୍ରତି କଙ୍କର ପଥର ଶଙ୍କର ଅଟେ ଯାର
ପାଦପେ ଦେବ ସୁଶୋଭିତ
ସବୁ ନଦ ନଦୀ ଜୀବନ ଦାୟୀ ଦେବୀ
ନାମରେ ଅଟେ ନାମିତ।
ପବନ ଗାଉଛି ପ୍ରେମ ସହାର୍ଦ୍ଦତାର ଗୀତ
କରେ ପୟୋଧି ପାଦ ଧଉତ
ଆକାଶ କରେ ତିଳକ ବେଳା କଟିସୂତା
ମୁକୁଟ ହିମାଳୟ ପରବତ।
ଗୋପବନ୍ଧୁ ରୂପେ ଜନ ସେବା
ଶିଖାଇଛି
ସୁଭାଷ ବନି ମାଗିଥିଲା ରକତ
ଗାନ୍ଧୀ ରୂପେ କେବେ ଅଂହିସାର
ଅସ୍ତ୍ରରେ
ଚଳାସୁଥିଲା ସ୍ୱାଧିନତାର ସ୍ୱାଦ।
ବାଜି ରାଉତଙ୍କ କଅଁଳ ତନେ
ଦେଖାଇଛି
ପାକଳ ଦେଶ ପ୍ରେମର ଚିତ
ଭଗତ ସିଘଂ ସୁଖଦେବ ବନି ସେ
ଦର୍ଶାଇଛି
ବଳିଦାନର ଅର୍ଥ କ'ଣ ପ୍ରକୃତ।
ସୁରେନ୍ଦ୍ର ସାଏ ଲକ୍ଷ୍ମଣ ନାୟକ ବକ୍ସି
ଜଗବନ୍ଧୁ
ବୀର ଶିବାଜୀ ରାଣା ପ୍ରତାପ
ଯେ ଦୁନିଆଁ ଦେଖିଛି ବୀରତାର ବିରଳ
ଛବି
ଝାନ୍ସୀ ରାଣୀଙ୍କ ପ୍ରକୋପ।
ସୁଦ୍ଧ ସୃଜି ଜଗତକୁ ପାଠ ପଢାଏ ସର୍ବଦା
ବୁଦ୍ଧ ସୃଜି କରୁଣା ବାଣ୍ଟେ
ହିନ୍ଦୁ ସଂସ୍କୃତି ଆଉ ନିରପେକ୍ଷ ନିତି
ତାହାର
ବକ୍ଷେ ନାହିଁ ମଳିନ ବକଟେ।
ବନାବାସୀ ଶ୍ରୀ ରାମ ପୁରୁଷୋତ୍ତମ
ମହିମା
ଯୁଦ୍ଧେ ଗୀତା ରଚନା ଗରିମା
ଦେଖିଛ କିଏ ଏହିପରି କାଳଜୟୀ
କୃତିତ୍ୱ
ବିଶ୍ୱ ଇତିହାସରେ ଜମା।
ଆମ ଭାରତ ନୁହେଁ ବର୍ଷ କେଇଟାର
ମାତ୍ର
ହଜାର ହଜାର ବର୍ଷର ଭୂ ବିଭୁତି
ସମୃଦ୍ଧ କଳା ସ୍ଥାପତ୍ୟ ପରମ୍ପରାର ଧନୀ
ସର୍ବ ପୁରାତନ ଶିକ୍ଷା ସଂସ୍କୃତି।
ତପ ତିତିକ୍ଷା ତ୍ୟାଗର ଉନ୍ମାଦୀ ତରୁଣାଇ
ବଳ ବୀର୍ଯ୍ୟର ଅଜୟ ସହଂତି
ରିଦ୍ଧି ସିଦ୍ଧି ଶ୍ରୀ ସମ୍ପର୍ଣ୍ଣା ଯେ ଭାରତ
ମାତା
ପାଇଛି ବିଶ୍ୱ ଗୁରୁର ଉପାଧି।
ଜ୍ଞାନୀ ଜନର ଜନନୀ ତପୀଙ୍କ ତପ ଭୂମି
ଅବତାରୀଙ୍କ ଲୀଳା ସ୍ଥଳୀ
ବୀର ପ୍ରସବିନୀ ଗୌରବ ପ୍ରତିଜ୍ଞାତ ଭୂଇଁ
ଶାନ୍ତୀ ମୈତ୍ରୀ ସୁଚିତାଶାଳୀ।
ଛଳ ଦ୍ୱୋଷ ଦମ୍ଭ ପାଖଣ୍ଡ ପ୍ରବୃତ୍ତି
ବଢ଼ିଲେ
ଅର୍ଜୁନ ସମ ତେଜେ ବିଷାଦ
ନିଜତ୍ୱକୁ ଜଗାଇ ଦେଶକାଳଙ୍କଙ୍କ
ହୃଦୟେ
କରେ କ୍ରାନ୍ତୀର ଘୋର ଶଙ୍ଖ ନାଦ
ଦେହାଧି ଦେଶ ଭାରତ।


♥କଳୟ(ଡିହସାହି), ପୋଲସରା,
ଗଞ୍ଜାମ-୭୬୧୧୦୫
ମୋ:-୮୧୨୮୯୧୯୨୫୬


## ଯଦି

**ସୁହଂସ ଭୋଇ**

ନ ଥାଆନ୍ତା ଯଦି ଇର୍ଷା ଏ ଜଗତେ
ନ ଥାନ୍ତା ମନେ କଷଣ
ରାଗ ରୁଷା ଭୁଲି ସମସ୍ତେ ଭାସନ୍ତେ
ମୁଖେ ମଧୁର ବଚନ ।

ନ ଥାଆନ୍ତା ଯଦି ଲୋଭ ମାୟା
ମୋହ
ମହୀରେ ନ ଥାନ୍ତା ପାପ
ପୁଣ୍ୟ ଅର୍ଜିବାକୁ ନ ପଡନ୍ତା କେବେ
କରିବାକୁ ତପ ଜପ।

ନ ଥାଆନ୍ତା ଯଦି ଛନ୍ଦ ଓ କପଟ
କୁଟିଳ କପଟୀ ମନ
ପରସ୍ପର ପ୍ରତି ସ୍ନେହ ଶ୍ରାଦ୍ଧ ଭାବ
ମନେ ହୁଅନ୍ତା ଉତ୍ପନ୍ନ ।

ନ ଥାଆନ୍ତା ଯଦି ହିଂସା କ୍ରୋଧ ଦ୍ୱେଷ
ପ୍ରତିଟି ମଣିଷ ମନେ
ଶାନ୍ତି ମୈତ୍ରୀ ଭାବେ ଧରିରଖି ଥାନ୍ତେ
ଜଣେକୁ ତ ଅନ୍ୟ ଜଣେ ।

ମାୟା ଲୋଭ ମୋହ
ଇର୍ଷା କ୍ରୋଧ ଦ୍ୱେଷ
ମଣିଷ ଜୀବନ ଅଂଶ
ଦୟା ଧର୍ମ ଯଜ୍ଞ ଜପ ପ୍ରଭୁ ନାମ
ହେବ ମୂଳରୁ ବିନାଶ ।


+ପହଣ୍ଡି, ବରଗଡ଼


## ଇପସିତ ଇତିହାସ

**ସୁଧାକର ରାଉତ**

କେତେଦିନ ଆଉ ଭାନୁମତୀ ଖେଳ
ଦେଖିବୁ ନୀରବ ହୋଇ
ରକ୍ତ ମାଂସ ଦେହ ଚିତ୍କାର କରୁଛି
ଚାହାଁ ଥରେ ଉଠି ଚେଇଁ ।
ମାୟା ଜାଲର ସେ ଅନ୍ଧ ପୁଟୁଳୀକୁ
ଦେଇ ତୋ ଆଖିରୁ ଖୋଲି
ନିରିଖେଇ ଦେଖ ମନ ବୁଲା ରୂପେ
କେତେ ଅବା ଭୁଲ୍ କଲି ।
ବିଷକୁ ଅମୃତ, ଅମୃତକୁ ବିଷ ଭାବେ
ମାୟା ମୃଗ ପଛେ ଧାଇଁ
ସ୍ୱାର୍ଥ ସର୍ବସ୍ୱ ହୋଇ ମଣିଷ ପଣ
ମାଟିରେ ଦେଉ ଲୋଟାଇ ।
କୁଟୀଳତା ତୋର ଅସ୍ଥି ମଜାଗତ
ସଜୋରେ ଜାବୁଡି ଧରି
ସ୍ୱତଃସିଦ୍ଧ ସତକୁ ତୋ ଜ୍ଞାତସାରେ
ଅନ୍ଧାରେ ଦେଉଛୁ ମାରି ।
ଦୃଷ୍ଟିଭଙ୍ଗୀ ତୋର ଦେଏ ବଦଳାଇ
ଛବି ମଣିଷ ନ ହୋଇ
ଅନ୍ତର ତୋ ଗୁମୁରି ଗୁମୁରି କାନ୍ଦେ
ତୋ ଆଖିରେ ଲୁହ ନାଇଁ ।
ଲୋକ ଦେଖାଣିଆ ଆଚରଣକୁ ତୋ
କେତେ ବିଜ୍ଞପିତ କରି
ସଂସାର ଆଖିରେ ପରଳ ଲଗାଇ
ବଞ୍ଚୁ ବାହାସ୍ପୋଟ ମାରି ।
ଥୁଣ୍ଟା ଗଛୁଟାରେ କେତେ ସନ୍ତର୍ପଣେ
ଦେଉ ଅହମିକା ନୀର
ମୂଳ ଗଣ୍ଡିରେ ତୋ ଉଇ ଲାଗିଲେଣି
ଉପୁଡି ପଡିବା ସ୍ଥିର ।
ସ୍ରଷ୍ଟାଙ୍କ ଆଖିରେ ଭେଳିକି ଲଗାଇ
ବଞ୍ଚିବା ବୃଥା ପ୍ରୟାସ
ଅଚିରେ ଯବନୀକା ପତନ ହେବ
ଇପସିତ ଇତିହାସ ।


+ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


## ଯୋଗଜନ୍ମା ଜାନକୀବଲ୍ଲଭ

**ସୁବ୍ରତ କୁମାର ପ୍ରଧାନ**

ଜନତାର ନେତା ଜାନକୀ ହେ ତୁମେ
ଅଫେରା ପଥରେ ଯାଇଛ ଚାଲି
ପଞ୍ଚଭୂତେ ଲୀନ ହୋଇଛି ଶରୀର
ସ୍ମୃତି ଅମଳିନ ରହିଛି ଖାଲି ।

ଆହୁତ ଆଦର୍ଶେ ଗଢ଼ା ତୁମ ଦେହ
ସ୍ୱପ୍ନ ସଙ୍କଳ୍ପ ର ଥିଲ ନିର୍ମାତା
ଏ ଜାତି ହାରିଛି ଅମୂଲ୍ୟ ନିଧି କି
ପୂର୍ଣ୍ଣ ହେବନାହିଁ ସେହି ଶୂନ୍ୟତା ।

ମୁଖ୍ୟମନ୍ତ୍ରୀ ରହି ରାଜ୍ୟ ର ପ୍ରଗତି
ବିକାଶ ର ଚିନ୍ତା ଲଗାମ ଧରି
ସାହିତ୍ୟ ସଂସ୍କୃତି କଳା କୃଷି ଶିଳ୍ପ
ସକଳ କ୍ଷେତ୍ରରେ ଉଠିଲା ପୁରି ।

ଜନସେବା ବ୍ରତୀ ଗରିବ କଲ୍ୟାଣ
ସମାଜ ସଂସ୍କାରକ ଦିବ୍ୟ ଦ୍ରଷ୍ଟା
ହଜାର ଦିନରେ ହଜାରେ ଶିଳ୍ପକୁ
କର୍ମବୀର ତୁମେ କଲ ପ୍ରତିଷ୍ଠା ।

ରାଜନୀତି ସାମ୍ବାଦିକ ସାହିତ୍ୟର
ତ୍ରିବେଣୀ ସଙ୍ଗମ ବୁହାଇ ନୀର
ତବ କାର୍ଯ୍ୟକାଳେ ପ୍ରତିଟି କ୍ଷେତ୍ରରେ
ସଫଳତା ଛୁଇଁ ଥିଲା ଶିଖର ।

ସାର୍ଥକ ସାରଥୀ ଆହେ ଯୋଗଜନ୍ମା
ମାଟି ରୂପକାର ବାଗ୍ମୀ ପ୍ରବର
ଜନ ମାନସ ର ହିତ ପାଇଁ ସଦା
ବ୍ୟାକୁଳିତ ଥିଲା ତବ ଅନ୍ତର ।

ପ୍ରତି ହୃଦୟରେ ରହିଛ ରହିବ
(ତୁମକୁ) ଭୁଲିବିନି କେବେ ଓଡିଆ ଜାତି
ତୁମରି ଆଦର୍ଶ ତ୍ୟାଗ ପୁଞ୍ଜି ବଳେ
ଦେଶ ପାଇଁ ସର୍ବେ ଉଠିବେ ମାତି।


♥ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ-୭୫୯୧୩୦
ମୋ: ୯୮୬୧୯୭୦୪୧୮

## ଏମିତି ଏ ସକାଳର ମହକ

### ଶରତ କୁମାର ଦାସ



ତୁ' ତ ମୁଠାଏ ଓଦା ଓଦା ଅନୁରାଗ
ମେଂଚାଏ ପ୍ରତିଶ୍ରୁତିର ଶକ୍ତ ଶିଳାସ୍ତମ୍ଭ
କେବେ ତୁ ଫଗୁଣର ଫୁଲବନ
ଆଉ କେବେ ଶୃଙ୍ଖଳା ନଇଟିଏ
ପୁଣି ଗ୍ରୀଷ୍ମର ଅସରନ୍ତି ଦହନ ।

ଚିମୁଟାଏ ବିଶ୍ୱାସକୁ ସମର୍ପି ଦେଇ
ଅକସ୍ମାତ ଗଢିପାରୁ ନଭଶ୍ଚୁମ୍ବୀ ଅଟ୍ଟାଳିକା
ପତ୍ର କୁଡିଆରେ ଭରିଦେଉ
ହୀରା ମୋତି ମାଣିକ୍ୟର ସୁଖ ।

ପକ୍ଷୀରାଜ ଘୋଡା ଚଢି ଉଡୁଥାନ୍ତି
ଅସରନ୍ତି ସ୍ୱପ୍ନମାନେ
ରତ୍ନ ଖଚିତ ଝଲମଲ ସିଂହାସନ ହସୁଥାଏ
ଖିଲି ଖିଲି ହାତ ପାଆନ୍ତାରେ
ବସନ୍ତର ମୃଦୁ ଗୁଂଜରଣ

ଶୁଭୁଥାଏ ହାଡ ମାଂସ ମଗଜରେ ।

ମେଲିହୋଇଯାଏ ଚତୁର୍ଦ୍ଦିଗେ
ଜହ୍ନ ଆଲୁଅର ପସରା
ଅପସରିଯାଏ ଘରଭର୍ତ୍ତି ବହଳ ଅନ୍ଧାର
ନେସି ହୋଇଯାଏ ପ୍ରାପ୍ତିର ସକଳ ସମ୍ଭାର ।

ବେଳେ ବେଳେ ଲାଗୁ ତୁ ଉଦାସ ଅପରାହ୍ଣ
ନିରବ ରାତିର ରିକ୍ତ କମ୍ପନ
ବେଦରଦୀ ଭାଷାର କଣ୍ଟକିତ ଆଲିଙ୍ଗନ
ଅପ୍ରାପ୍ତିର ଜନଶୂନ୍ୟ ନିଘଂଚ ଅରଣ୍ୟ ।

ନୀଡହରା ପକ୍ଷୀଙ୍କର କରୁଣ ବିଳାପ ତଳେ
ଲେଖୁପାରୁ ତୁ ଅବୁଝା ଶବ୍ଦମାନଙ୍କର
ଏକ ନିଆରା ତଥା ବିବର୍ଣ୍ଣ ଇତିହାସ

କଳାମେଘର ଛାଇରେ ଢାଙ୍କିଦେଇପାରୁ
ଉଦୟ ସୂର୍ଯ୍ୟଙ୍କ ଅସ୍ତିତ୍ୱ ।

ଏବେ ଏବେ ଝରୁଛି କୋମଳ ସରାଗ
ଫୁଲବନ ମହକୁଛି ମୁକୁଳା ଦ୍ୱାରରେ
ଚକ୍ ଚକ୍ ଦିଶୁଛି ତୋ' ପ୍ରତିବମ୍ବ
ଶୀତୁଆ ପବନର ସ୍ୱଚ୍ଛ ଦର୍ପଣରେ
ତୋ' ପ୍ରେମର ଅସ୍ମିତାରେ
ଚଳଚଂଚଳ ନଦ ନଦୀ ସବୁଜ ବନାନୀ ।

ସେଇଥିପାଇଁ ତ ଥରଥର ହାତରେ
ଜୀବନ ବାଢୁଛି ଦିବ୍ୟାଂଜଳି
ଅସୁମାରି ଜଂଜାଳର ନିର୍ଘାତ ପାଦଶବ୍ଦକୁ
ଫୁଁ' କରି ଅକ୍ଳେଶରେ
ହସହସ ମୁହଁରେ ବୋହିଚାଲୁଛି
ଦୁଃଖ-ସୁଖ ଓ
ଆଲୁଅ-ଅନ୍ଧାରକୁ ଲାଉକରି ପିଠିରେ ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କେଡ଼େ ଶରଧାରେ ଡାକୁଛି ତୋତେରେ

### ହରିଶ୍ଚନ୍ଦ୍ର ବେହେରା



କେଡ଼େ ଶରଧାରେ ଡାକୁଚି ତୋତେରେ
ଶରଧା ବାଲିକୁ ମୁଠେଇ
ଦେଖିବାକୁ ତୋତେ ଆସିଛି ଜଗାରେ
ସଂସାର ଚହଳ ତୁଟେଇ ।

କି କିମିଆ ଅଛି ତୋଠାରେ ଜଗାରେ
ବାନ୍ଧି ଦେଉ ତୋ ଡୋରିରେ
ଯେତେ ଦେଖୁଥିଲେ ମନ ନ ବୁଝଇ
ଲାଖି ରହେ ତୋ ଆଖିରେ
ଇଚ୍ଛା ମୋ ହେଉଛି ତୋ ଗରୁଡ଼ ଖମ୍ବ
ଧରିବାକୁ ସଦା କୁଣ୍ଢେଇ ।

ବେଢ଼ା ପରିକ୍ରମା କରୁ କରୁ ମନେ
ଆସେ କେତେ ଭାବାନ୍ତର
ଓଡ଼ିଆ ଶିଳ୍ପୀର କାରୁ କାରୀଗରି
ନାହିଁ ତା'ର ପଟାନ୍ତର
ବାର ମାସେ ତେର ଲୀଳାରେ କାଳିଆ
ଭକତ ଙ୍କୁ ଥାଉ ମଜେଇ ।

କେଉଁ ଗୁଣ ତୋର କରିଥିଲା କହ
ଭକତ ତୋ ବିଶ୍ୱାବସୁ
ଲଳିତାର ବଣ ଫୁଲ ମାଳାରେ ତୁ
କେଡ଼େ ମନଲୋଭା ଦିଶୁ
କି ସୁଖ ପାଇଲୁ କହରେ କାଳିଆ
ବାପ ଝିଅଙ୍କୁ କଂଦେଇ ।

❤ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ବଉଳଲୋ ବଉଳ

### ବାବାଜୀ ଚରଣ ଜେନା



ଆମ୍ବ ବଉଳର ମିଠା ମହକରେ
ମହକି ଉଠିଲା ଧରା
ତାଙ୍କ କଥା କାହିଁ ମନେପଡି ସଖି
ଶୋଇନିମୁଁ ରାତି ସାରା
ସଜନୀ ମାଡି ପଡେ ଆଖି ପରା ।

ରାତି ବିତିଗଲା ଯେମିତି ସେମିତି
ଦିନତ ସରିଲା ନାହିଁ
ଘର ଅଗଣାରୁ ଦାଣ୍ଡ ଦୁଆରଲୋ
ବେଳ ଗଲା ଚାହିଁଚାହିଁ
ଥଟ୍ଟା କରି କେତେ ଆଇ ଶାଶୁ ମୋର
ହସି ଦେଇ ଚାଲିଗଲା
ସଜନୀ ଗୁମର ଫିଟେଇ ଦେଲା ।

ଆସିବାକୁ କହି କଣ୍ଟ ଗଡିଲାଣି
କଲିଜା ଯାଏମୋ ଚିରି
ଶାଶୁ କରିଛନ୍ତି ଗଇଁଣ୍ଠା ପିଠାଲୋ
ପୁଷ ଅମେଇସା ବୋଲି
ମୁହଁ ସଞ୍ଜବେଳେ ତାଙ୍କ ଡାକ ଶୁଣି
ମନମୋ ଲାଜେଇ ଗଲା
ସଜନୀ ନଣନ୍ଦମୋ ଦେଖି ନେଲା ।

❤ ଅହଲ୍ୟା ନିବାସ
ପୋପରଡା, ନୂଆବଜାର,କଟକ୪
ମୋ: ୯୪୩୭୮୩୪୭୧୯

## ଠିକ୍ ଆଗ ପରି

### ଆଦ୍ୟାଶା ମହାପାତ୍ର



ଟିକିଏ ଏପାଖ ସେପାଖ କରିଦେଲେ
ମିଛଟା ସତ ହୋଇଯାଏ
ଏକଥା ମୁଁ ଜାଣେ
ସତ ବି ପାଲଟିଯାଏ
ଅର୍ଦ୍ଧସତ୍ୟ ବଦଳିଯାଏ
ଆଶା ଆକାଂକ୍ଷାର ଦାୟବଦ୍ଧତା
ଠିକ୍ ଆଗ ପରି....!!
ସେଇଥିପାଇଁ ତ
ଆଖି ଯେଉଁଠିକୁ ପାଇବ ନାହିଁ
ମୁଁ ସେଇଠି ଅଛି
ମିଛ ସ୍ୱପ୍ନକୁ ସତ ମଣି
ମିଛ ଖୁସିକୁ ସାଉଁଟି ନେଇ
ଜୀବନ ଜିଉଛି ଠିକ୍ ଆଗ ପରି..!!
ରାମରାଜ୍ୟ ତଲାସ କରୁ କରୁ
ମୁଁ ଅଣ୍ଡାଳି ଆଣେ ଅନେକ ସତ୍ୟ ବହୁବାର
ବିବାକ୍ ଅସତ୍ୟ ଭିତରୁ
ଖୋଜିପାଏ ଆଲୋକର ସତ୍ତା
ବହଳ ଅନ୍ଧାର ଭିତରୁ ଠିକ୍ ଆଗ ପରି...!!

ସମ୍ଭାବନାକୁ ପୁଟ ଦେଇ ମାଖିଦିଏ
ତା'ର ଛାଞ୍ଚ ଦେହରେ ଠିଆ କରେଇ ଦିଏ
ବାସ୍ତବ ଜୀବନ ପରି ଆଢୁଆଳରେ
ଠିକ୍ ଆଗ ପରି..

❤ ନୂଆପଡା, କଟକ

## ଜ୍ଞାନେନ୍ଦ୍ର କୁମାର ପଣ୍ଡା

## ॥ ଜଣେ ଈଶ୍ୱରଙ୍କ ଜନ୍ମ ହେବାର ବେଳ ॥



କେହି ଯଦି ସତରେ ବଞ୍ଚିଛ
ତେବେ ଥରେ ଆସ ଦେଖିବ
ସ୍ୱଷ୍ଟ ଦିବାଲୋକର ଆକାଶ ତଳେ
ତଥାକଥିତ ଶିକ୍ଷିତଙ୍କ ବସ୍ତିରେ
ଓଡ଼ିଆ ଭାଷାର ଶ୍ୱାସରୁଦ୍ଧ ଛଟପଟ ଆତ୍ମା
କେମିତି ଆଜି ପାଣି ଟୋପାଏ ମାଗୁଛି..!

ଦେଖ...ଦେଖିଯାଅ
ଭୂମି ପରେ କେମିତି ଲୋଟୁଛି
ଧୂଳିଧୂସର ରକ୍ତ ଜୁଡୁବୁଡୁ ଦେହ ତା'ର...
ଆସ ଥରୁଟିଏ ଦେଖିଯାଅ... !

ଅଥଚ ଆତତାୟୀ କିଏ ?

ଅର୍ଦ୍ଧମୃତ ଓଡ଼ିଆ ଭାଷା
ତଳେ ପଡ଼ି କ୍ଷୀଣ ସ୍ୱରରେ କହୁଥିଲା
ମୋତେ ନ୍ୟାୟ ଦିଅ...
ମୋତେ ନ୍ୟାୟ ଦିଅ !

ଭିଡ଼ ଭିତରେ
ବଢ଼ି ଚାଲିଥିଲା ସଂଖ୍ୟାରେ
କ୍ରମଶଃ କାନ୍ତିଲାଲର ଚରିତ୍ର.. !

ଦଳଟିଏ ବିଦ୍ରୁପ କରି କହୁଥିଲେ...
'ଉଡିୟା ଏକ୍'ଟା ସ୍ୱତନ୍ତ୍ର ଭାଷା ନୟେ..!'
ଅଛୁଆଁ ଏଇ ଓଡ଼ିଆ ଭାଷା,, ତାକୁ ଲିଭାଇ ଦିଅ !
ତାକୁ ପୁଣି କି ନ୍ୟାୟ ଦରକାର !

ମୁହଁରେ ତୁଣ୍ଡି ମାରି ଦେଖୁଥିଲେ
ଭାଷା ପ୍ରଚାର ସମିତିର
ନାମଧାରୀ ମିଛ ପୁରୋଧାଗଣ,
ପୁରସ୍କାର ନାମରେ
କିଣି ଆଣିଥିବା ମାନପତ୍ରର ଚେକ୍‌ଧାରୀ,
ଅନ୍ଧାରରେ ନିଜ ଭାଷାକୁ ବିକିଦେଇ
ସକାଳେ ନିଜକୁ ସାହିତ୍ୟର
ନିସ୍ୱ ପ୍ରଚାରକ ବୋଲାଉଥିବା କିଛି ପ୍ରତାରକ
କୋର୍ଟ ପ୍ୟାଣ୍ଟ ପରିହିତ ଦଳେ

ସାହିତ୍ୟ ପ୍ରକାଶକ,
ଏବଂ ଅନ୍ତରାଳରେ ଏ ସବୁ ଦେଖି
ହସିହସି ଗଡି ଯାଉଥିବା ଖୋଦ୍ ରାଜା ଓ ତାଙ୍କ
ଆନୁଗତ୍ୟର ପାରିଷଦ ବର୍ଗ !

ଶାଗୁଣା, ବିଲୁଆ ମଢ଼ ଖାଇବାରେ ଲାଳାୟିତ
ସେମାନଙ୍କ ଆଖିରେ
କାହୁଁ ଆସିବ ଆବେଗ ??

ସମସ୍ତେ ଚୁପ୍ ଚାପ୍ !
ଆଶ୍ରାହୀନ ଓଡ଼ିଆ ଭାଷା
ଭରସା ଟିକେ ନ'ପାଇ
ବେଶ୍ କରୁଣ ଦିଶୁଥିଲା !

ଭିଡ଼ ଭିତରୁ ଏତିକିବେଳେ ବାହାରି ଆସୁଥିଲେ
ଜଣେ ଜୀର୍ଣ୍ଣଶୀର୍ଣ୍ଣ ଶରୀର ଧାରୀ ଈଶ୍ୱର !

ସେ ଈଶ୍ୱର କହିଉଠିଲେ...
'ବନ୍ଦେ ଉତ୍କଳ ଜନନୀ'
ନା ସେ କହୁନଥିଲେ ବରଂ ସେ ଗର୍ଜୁଥିଲେ
ଯେମିତି ସେ ପଞ୍ଚଜନ୍ୟ ଶଙ୍ଖ ଫୁଙ୍କି
ଭାଷା ଯୁଦ୍ଧର ଆହ୍ୱାନ ଦେଉଥିଲେ..!
ଓଃ... ସେ ସ୍ୱର କି ତୀବ୍ର, ବଜ୍ର ଓ ଗମ୍ଭୀର
ଯେଉଁ ସ୍ୱରରେ ଛତ୍ରଭଙ୍ଗ ଦେଉଥିଲେ
ଧୂର୍ତ୍ତ ଶାଗୁଣା ଓ ବିଲୁଆଙ୍କ ଦଳବଳ ।

ଯେମିତି ଈଶ୍ୱରଙ୍କୁ ଚିହ୍ନି ପକଉଥିଲା
ପାଖରେ ଉତ୍କଳ ଜନନୀର ପତାକା ଘୋଡ଼ି
ଥର ଥର କମ୍ପୁଥିବା ପାଗଳଟିଏ,
ପ୍ରଥମ କରି ଅପୂର୍ବ ଚମକ ଆଜି ଖେଳୁଥିଲା
ପାଗଳଟିର ଆଖିରେ...।
ସେ ସବୁ ଶକ୍ତି ସଞ୍ଚୟ କରି
ଚିତ୍କାର କରି କହି ଉଠୁଥିଲା...
...'ଫକୀରମୋହନ ଆସିଗଲେ... !'
...'ଫକୀରମୋହନ ଆସିଗଲେ... !'

ସେଇ ଜୀର୍ଣ୍ଣଶୀର୍ଣ୍ଣ ଈଶ୍ୱରଙ୍କ କୋଳରେ
ବେଶ୍ ଶାନ୍ତି ଓ ଅଭୟରେ ନିଶ୍ୱାସ ମାରୁଥିଲା
ମୋ ମାଆ ଓଠର 'ପ୍ରଥମ ଓ ଶେଷ ଭାଷା' ।

ପଥଧାରରେ ଶୋଇଥିବା ଅଜ୍ଞାତ ଚରିତ୍ର ସବୁ
ଅଣ୍ଟା ସଳଖି ଛିଡ଼ା ହେଉଥିଲେ...
ଧୀରେ ଧୀରେ ବଦଳି ଯାଉଥିଲା
ସେମାନଙ୍କ ଚେହେରା
ସେମାନେ ଏଥର ଦିଶୁଥିଲେ ଜଣେ ଜଣେ...
ରାଧାନାଥ, ମଧୁସୂଦନ, ଗୌରୀଶଙ୍କର
ଓ ସେମାନଙ୍କ ଭଳି ଅନ୍ୟମାନେ...

ସକାଳକୁ ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠାରେ
ଚିତ୍ରିତ ହୋଇଥିଲା
'ଓଡ଼ିଆ ଏକ ଶାସ୍ତ୍ରୀୟଭାଷା'ର ପ୍ରମାଣପତ୍ର ।
ମୋ ଆଖିରେ ଉତୁରୁଥିଲା
ସେଇ ଈଶ୍ୱରମାନଙ୍କ ଆଖିର
ଅବଶିଷ୍ଟ ଲୁହ..!

ପଢୁପଢୁ ସେ ଲୁହରେ ଭିଜି ଯାଉଥିଲା
ସମ୍ବାଦପତ୍ରର ମୁଖ୍ୟ ପୃଷ୍ଠା,
ପାଖ ପଡ଼ୋଶୀ ଘରେ ନୂଆ ବିଦ୍ୟାର୍ଥୀଟିଏ
ଖଣ୍ଡି ଖଣ୍ଡି ଗଳାରେ ଘୋଷୁଥିଲା...
...'ଅରଣା ମଇଁଷି ରହିଛି ଅନାଇ
...ମଇଁଷିର ପାଖ ନ' ଯାଅ ଦନାଇ' ।

❤ ସଲ୍ଟରୋଡ,
ସୁନ୍ଦରୀ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୧୧୬୩୮୦

## ସମ୍ପର୍କର ବଳ

### ଦୀନବନ୍ଧୁ ପୋଇ

ସମ୍ପର୍କର ବଳ ଏତେ ଯେ ସବଳ
ରଖିଛି ଯେ ସିଏ ଜାଣେ
ମିଳିମିଶି ଯଦି କେହି ବି ଚାହିଁଲେ
ଭାଙ୍ଗି ପାରିବେନି କ୍ଷଣେ ।

ମନ ସଙ୍ଗେ ମନ ମିଶିଗଲା ପରେ
ଅଠା ପରି ଲାଗି ରହେ
ବିଶ୍ୱାସ ଟି ଯେତେ ସୁଦୃଢ ହୁଅଇ
ସମ୍ପର୍କ ବାନ୍ଧିବା କୁହେ ।

ରଖିବାକୁ ଭାବ ଯିଏ ବି ଚାହିଁବ
ରଖି ହେବ ନାହିଁ କେବେ
ଅବିଶ୍ୱାସ ଯଦି ଥରେ ପଶେ ମନେ
ରହିବିନି ଭାବ ତେବେ ।

ବିଶ୍ୱାସରୁ ଜାତ ଯେତେକ ବନ୍ଧୁତ୍ୱ
ମନରେ ନ ରହେ ଭେଦ
ଗରିବ କି ଧନୀ ପଣ୍ଡିତ କି ମୂର୍ଖ
ମୁଖେ ଭାଷେ ପ୍ରିୟ ଶବ୍ଦ ।

ଚାହିଁଲେ ସଂପର୍କ ଗଢି ହୋଇଯାଏ
ଦେଲେ ମିଠା ପଦେ କହି
ଚିରସ୍ଥାୟୀ ଯଦି ରଖିବାକୁ ଚାହଁ
ସହିବାକୁ ଥାଅ ରହି ।

ଜନ୍ମରୁ ମରଣ ରଖିବାକୁ ହେଲେ
ନେବାକୁ ମନରୁ ଛାଡି
ଦେବା ପାଇଁ ସଦା ଥିଲେ ମନେ ଭାବ
ସଂପର୍କ ନ ଯିବ ଛିଡି ।

ବିନା ସଂପର୍କରେ କେହି କିଏ କେବେ
ଅଛି କି ଏ ଧରା ଧାମେ
ଯିଏ ଏ କଥାରେ ସମ୍ମତି ନୁହଁଇ
ଦେଖାଉ ତେବେ ସେ କାମେ ।

ସାମାଜିକ ପ୍ରାଣୀ ଏ ମଣିଷ ମଣି
ସମାଜରେ ତାର ବାସ
ସମ୍ପର୍କ ତାହାର ଚିର ସହଚର
ନହେଲେ ହେବ ହତାସ ।

❤ ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ,
ମୋ:୯୯୩୮୮୦୨୪୧୨

## ଶିଶିର ଗୋରୀ

### ପ୍ରଣତି ଆଚାର୍ଯ୍ୟ ମିଶ୍ର



ଶିଶିର ଗୋରୀ ସେ ଶିତୁଆ ଜାଡରେ
କୁହୁଡି ଚାଦର ଓଢି
ଧିର ସମୀରଣେ ଝୁମିଝୁମି ନାଚେ
ଫୁଲର ଚାଙ୍ଗୁଡ଼ା ଧରି ।

ପ୍ରୀତିର ମଦିରା ପିଆଇଲା କିଏ
ପାଦ ତାର ଟଳମଳ
ମୃଦୁ ମତୁଆଲା ଉଷା ରାଣୀ ଧିରେ
କରିଛି ତାକୁ ପାଗଳ ।

ସବୁଜ ତନୁରେ ରୂପସୀ କନ୍ୟା ସେ
କୁସୁମ ଅଳତା ନାଇ
ଭିଜା ଶରତରେ ସଜାଏ ଦେହକୁ
ବିଦଗ୍ଧ ନାୟିକା ହୋଇ ।

ନଈପଠା ପରେ ଦେହ ଦେଉଳକୁ
ଖୋଲି ଦେଲା କିଏ ଆସି
ଋତୁପର୍ଣ୍ଣା ନାରୀ ଓଢଣୀ ରେ ଗୁନ୍ଥା
ହେଲା ଶ୍ୱେତ ମୁକ୍ତା ରାଶି ।

ଦୁଷ୍ଟ ହସ ହସି ଆଉସେ ଦେହକୁ
ଦେହ ମନ ଯାଏ ଥରି
ହୃଦେ ଖେଳିଯାଏ ପିରତୀ ର ଢେଉ
ଅଜଣା ପୁଲକ ଭରି ।

ପ୍ରେମେ ନିମଜ୍ଜିତ ଚକୋର ଚକୋରି
ଖେଳନ୍ତି ମୁକ୍ତ ଗଗନେ
ଅଜଣା ଅତିଥି ଆସନ୍ତି ବିଦେଶୁ
ନିଜ ନିଳାମ୍ବୁ ଅଙ୍ଗନେ ।

ନିର୍ମଳ ରଜନୀ ନିବୃତ୍ତ ନିଳୟ
ଗୁମାନେ ପ୍ରିୟା କୁ ଖୋଜେ
ସରମୀ ଆଖି ରେ ପାହାନ୍ତି ର ଲାଜ
ଧରି ନିରିମାଖି ହଜେ ।

ଛଇଳି ଛନ୍ଦରେ ତୃଷ୍ଣା ତଟରେ
ବୟସୀ ଋତୁର ହସ
ଆରକ୍ତ ଅଧରେ ହିମକଣା ଧରି
ସକାଳ ସଞ୍ଜ ରେ ଆସ ।

❤ ନୟାଗଡ଼
ମୋ:୯୪୩୭୬୪୨୯୪୭

## ଚିଠି...

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି



ଚିଠି କେବେ ଭିଜା ଭିଜା
ବରଷା ଧାରା
ଇନ୍ଦ୍ରଧନୁ ରଙ୍ଗ ବୋଳେ
ମନଟା ସାରା ।

ଚିଠି କେବେ ବତାସର
କୁହୁକ ଝଡ଼
ବିଶ୍ୱାସ ର ଦରଜାରେ
କଣ୍ଟାର ବାଡ଼ ।

ଚିଠି କେବେ ଆଶ୍ୱାସନା
ଦୂବ କେରାଏ
ନିଅଣ୍ଟିଆ ଛାତ ତଳେ
ଖୁସି ମେଞ୍ଚାଏ ।

ଚିଠି କେବେ ପ୍ରତୀକ୍ଷାର
ପ୍ରତିଶ୍ରୁତି ଟେ
ଅସୁମାରୀ ଆଶା ଯହିଁ
ମନ ଉଚ୍ଚାଟେ ।

ଶୁଖିଲା ଓଠର ଧାରେ
ଚେନାଏ ହସ
ସପନର ମୋହେ ଚିଠି
ମଉନ ହସ ।

ଚିଠି କେବେ ସୋହାଗର
ମହୁଲି ନିଶା
ଭଲ ଲାଗେ ପ୍ରେୟସୀର
ଅଦେଖା ରୁଷା ।

ଯୌବନର ଜୁଆରରେ
ଚିଠି ନଉକା
ଶୁଭ ସାହାନାଇ ବାଜେ
ଦେଖି ମଉକା ।

ସମୟ ସିନ୍ଧୁକେ ଚିଠି
ସାଇତା ମୋତି
ଦଗ୍ଧ ଅପରାହ୍ନେ ସାଜେ
ଶୀତଳ ସ୍ମୃତି ।

❤ ଦଶରଥ ପୁର, ଯାଜପୁର-
୭୫୫୦୦୧
ମୋ: ୭୩୭୭୩୧୮୭୮୯

## ଶ୍ୟାମଳ ସ୍ୱପ୍ନ

### ଡ଼ା.ମନୋରଞ୍ଜନ ଦାଶ



ଯନ୍ତ୍ରଣାର ନଈରେ ପହଁରି
କ୍ଳାନ୍ତି ମେଣ୍ଟେଇ
ଜୀବନ ଜଞ୍ଜାଳରେ
ନିସର୍ଗରେ ବାଟ ଚାଲି
ଝୁଣ୍ଟିବାକୁ ଭୟ ଘାରେ...
ବିଶ୍ୱନିୟନ୍ତାଙ୍କୁ ପ୍ରାଣଭରି
ଅନେଇ ପ୍ରାର୍ଥନା କରେ,
ତୁମ ଇଚ୍ଛା ପୂର୍ଣ୍ଣହେଉ
ହେ ! ମହାବାହୁ !
ଛାତି ତଳର ବ୍ୟଥାକୁ
ଦେଖେଇ ପାରେନି !
ସେଇ ଅଦୃଶ୍ୟ ମୋ ପ୍ରାଣର
ଦେବୀଙ୍କୁ ଏକାନ୍ତରେ
ହୃଦୟର କଥା ଜଣେଇବା
ମୋ ପାଇଁ ସାନ୍ତ୍ୱନା,
ଆଉ ତା ପୁଣି
ମୋ ଭିତରେ
ଭରିଦିଏ ଅମୋଘ ଶକ୍ତି ।
ଚାରିକଡେ ମିଛ ଓ ଛଳନାର ଭଉରୀ ।
ସଂଯତ ନ ହେଲେ
ଭାଙ୍ଗିଯିବ ମୋ ଶ୍ୟାମଳ ସ୍ୱପ୍ନ ।
ନିଜେ ନିଜର ବିଭୋରତା ।
କେତେ ପ୍ରଶ୍ନୀଳ ଆଖିକୁ
ଉତ୍ତର ମୋ ଖାଲି
ଦୀର୍ଘଶ୍ୱାସ ଓ ନୀରବତା ।

❤ ମୋ: ୯୪୩୭୩୧୭୭୨୨

## ମୁଁ କାହିଁକି କାନ୍ଦେ

### ବର୍ଷାରାଣୀ ମହାମଲ୍ଲିକ



ଯନ୍ତ୍ରଣା ହେଉ ଅବା ଯାତନା
ଯେତେବେଳେ ଆସିଥାଏ,
ଅଶ୍ରୁଳ ଏ ବେନି ଆଖିରୁ
ଲୋତକ ଟା ଝରିଯାଏ ।

ଆତ୍ମା କାନ୍ଦିଲେ ମନକୁ ବାଧଇ
କିଛି ଯିବନି କାହାର,
ତଥାପି ଏ ଲୁହ ଅମାନିଆ ହୋଇ
ହୁଏ ଆଖିରୁ ବାହାର ।

ବନ୍ଦ କୋଠରୀ ର କାଳିମା ମଧରେ
ନିରୋଳେ ନୀରବେ ଝରେ,
ନିଜେ ବି ବୁଝେନା ମୁଁ କାହାପାଇଁ ଆଉ
କେଉଁ କଥା ନେଇ କାନ୍ଦେ ।

ଯେତେ କାନ୍ଦିଲେ କି ଫେରି ଯେ ଆସିବ
ଅଭୁଲା ଅଫେରା ସ୍ମୃତି,
ତଥାପି ତାହାକୁ ହୃଦୟରେ ଚାପି
ବସି କାନ୍ଦୁଥାଏ ନିତି ।

କେହି ମାଡ଼ିବେନି ପାଖ ଏଠି ବନ୍ଧୁ
ଜାଣେ ଭଲ ଭାବେ ଏହା,
ସମବେଦନା ତ ଦୂରରେ ରହିଲା
ବୁଝୁଛି ଏବେ ମୁଁ ତାହା ।

ତଥାପି କାନ୍ଦେ ମୁଁ ନୀରବରେ ବସି
ମନ ର ହାଲୁକା ପାଇଁ,
ଯେତେ ଯାହା ହେଉ ଏଇ ଜୀବନରେ
ଭାବି କି କି ହେବ ତହିଁ ?

ଆଘାତର ଚିହ୍ନ ରହିଯାଏ
ମେଟେ ନାହିଁ ଶୀଘ୍ର ତାହା,
ନିଜେ ହିଁ ନିଜକୁ ବୁଝାଇବା ସାର
କେହି କରିବେନି ଆହା ।

ଯାହା ହୋଇଲେ ବି ମିଠା ସ୍ମୃତି ସବୁ
ମନ ଜମା ଭୁଲି ପାରେନା,
ମୁଁ କାହିଁକି କାନ୍ଦେ ତାହାରି ଉତ୍ତର
ନିଜେ ବି ଖୋଜି ପାଏନା ।

❤ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ନାତକୋତ୍ତର ପ୍ରଥମ ବର୍ଷ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

## ପେଟରେ ବର୍ଚ୍ଛା ପଶି ବାଳକ ଗୁରୁତର

ବଲାଙ୍ଗିର, ୩୦/୦୧ (ନି.ପ୍ର): ବେଲପଡ଼ା ବ୍ଲକ ସରମୁହାଣ ପଂଚାୟତ ଅନ୍ତର୍ଗତ ଅଇଲା ଭଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ପେଟରେ ବର୍ଚ୍ଛା ପଶି ଜଣେ ବାଳକ ଗୁରୁତର ହୋଇଛି । ସୂଚନା ଯୋଗ୍ୟ ଯେ, ରାଜୁ ଥାନାପତି (୧୬) ଆଜି ସକାଳୁ ଛେଳି ଚରେଇବା ପାଇଁ ନିଜ ଗାଁ ଜମି ପଟେ ଯାଉଥିଲେ । ଏହି ସମୟରେ ଏକ ବର୍ଚ୍ଛା ତାଙ୍କ ପେଟରେ ପଶି ଯାଇଛି । ଉକ୍ତ ଘଟଣା ଜାଣିବା ପରେ ଗାଁ ଲୋକେ ଘଟଣାସ୍ଥଳରେ ପହଂଚି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିଛି ସମୟ ପରେ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଂଚି ଥିଲା । ଗୁରୁତର ଥିବା ନାବାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

# ହରିଚନ୍ଦନପୁରକୁ ବିକାଶ ଛୁଇଁବ କେବେ ?

ହରିଚନ୍ଦନପୁର, ୩୦/୦୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକକୁ ବିକାଶ ଛୁଇଁବ କେବେ ? ଅଦ୍ୟାବଧି ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁନାହିଁ, ତାହାକୁ ନେଇ ସାଧାରଣରେ ଉଠିଛି ବଡ଼ ପ୍ରଶ୍ନ । ହରିଚନ୍ଦନପୁର ଠାରେ ସମସ୍ତ ବିଭାଗର କାର୍ଯ୍ୟାଳୟ ସହ ବିଭିନ୍ନ ଯୋଜନାମାନ ଥାଇ ମଧ କିଛି କାର୍ଯ୍ୟକାରୀ ହେଉନାହିଁ ଯେପରି, ଯାହା ଦେଖିଲେ ବିକାଶ ଛୁଇଁ ନାହିଁ ଭଳି ଅନୁମେୟ ହୁଏ ।

ହରିଚନ୍ଦନପୁର ଉପରେ ବ୍ଲକର ୨୫ଟି ପଂଚାୟତବାସୀଙ୍କ ଠାରୁ ଆରମ୍ଭ କରି ଆଖପାଖ ଘଟଗାଁ ବ୍ଲକର ଅନେକ ପଂଚାୟତ ସହ ଗାଁର ଲୋକେ ନିର୍ଭର କରିଥାନ୍ତି । ସାଧାରଣତଃ ଘଟଗାଁ ମା’’ତାରିଣୀଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ବା ଯାତ୍ରୀ ବିଭିନ୍ନ ଗାଡ଼ି ଯୋଗେ ଏହି ସ୍ଥାନ ଦେଇ ଯାତାୟତ କରିଥାନ୍ତି । ହେଲେ ଦୁଃଖ ପରିତାପର ବିଷୟ ଏଠାରେ ଯାତ୍ରୀଙ୍କ ନିମନ୍ତେ ପରିସ୍ରାଗାର କିମ୍ବା ଶୌଚାଳୟର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଯାହାଦ୍ୱାରା ପ୍ରତ୍ୟେକ ଦିନ ଦୂର ଦୂରାନ୍ତରୁ ଆସୁଥିବା ଶହଶହ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳେ । ବଜାର ଅଛି ସତ ହେଲେ ଆଜି ପର୍ଯ୍ୟନ୍ତ ଏଠାରେ ଡ୍ରେନର ବ୍ୟବସ୍ଥା ହୋଇନାହିଁ ଯାହା ଫଳରେ ବର୍ଷାଦିନେ ରାସ୍ତା ଉପରେ ଅଳିଆ ଆବର୍ଜନା ପାଣି ପ୍ରବାହିତ ହୁଏ । ବଜାରର ଅଳିଆ ଆବର୍ଜନା ପକାଇବା ପାଇଁ ସ୍ୱତନ୍ତ୍ର କୌଣସି ବ୍ୟବସ୍ଥା କରାଯାଇନାହିଁ, ଫଳରେ ଅଳିଆ ଆବର୍ଜନା ଗୁଡ଼ିକ ବଜାରର ଫାଙ୍କା ଥିବା ସ୍ଥାନରେ ପକାଯାଉଛି । ଏଠାକାର ଜନସାଧାରଣଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଦୂର କରିବା ପାଇଁ ସରକାରଙ୍କ ରାଜସ୍ୱରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଏକ ଲକ୍ଷ ଲିଟର ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି ସତ । ହେଲେ ନିର୍ମାଣ ପରେ କାର୍ଯ୍ୟକାରୀ ଅପେକ୍ଷାରେ ରହି ରହି ପାଣିଟାଙ୍କିଟି ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ପଡ଼ି ଏବେ ଭାଙ୍ଗିବାକୁ ବସିଛି । ନଳକୂପର ସ୍ୱଚ୍ଛ ପାଣି ହରିଚନ୍ଦନପୁର ବାସିନ୍ଦାଙ୍କ ପାଇଁ ସ୍ୱପ୍ନ କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ସେ ସୁବିଧା ଏଠାରେ ନାହିଁ । ବିଭାଗ ଥାଇ ମଧ ଦୃଷ୍ଟି ଆକର୍ଷଣ ହେଉନାହିଁ, ଫଳରେ ନଦୀର ଜଳକୁ ସ୍ୱଚ୍ଛ ଜଳ ଭାବେ ଗ୍ରହଣ କରୁଛନ୍ତି ଏଠାରେ ସ୍ଥାନୀୟ ବାସିନ୍ଦା । ଅତି ଦୁଃଖର ବିଷୟ ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ହେଲେ ଶବ ବ୍ୟବଚ୍ଛେଦ ନିମନ୍ତେ କିଛି ସୁବିଧା ହୋଇନାହିଁ, ଯାହା ଫଳରେ ଏଠାକାର ଗରିବ ଆଦିବାସୀ ଶବ ବ୍ୟବଚ୍ଛେଦ ପାଇଁ ଅନେକ ଖର୍ଚ୍ଚାନ୍ତ ହୋଇ ବାଧ ହୋଇ ୪୫ କି.ମି. କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି । ସ୍ଥାନୀୟ ଲୋକଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଏଠାରେ ଶବଦାହ ନିମନ୍ତେ ଶ୍ମଶାନର ବ୍ୟବସ୍ଥା ମଧ ହୋଇପାରିନାହିଁ । ଏଠାକାର ଚାଷୀ ପ୍ରତ୍ୟେକ ବର୍ଷ ଜଳକର ଦେଉଛନ୍ତି ସତ, ହେଲେ ଚାଷଜମିରେ କେବେ ହେଲେବି ଜଳ ଦେଖିବାକୁ ପାଇନାହାନ୍ତି । ଏଠାରେ କେନ୍ଦୁଝର ଜିଲ୍ଲାର ବଡ଼ ସାପ୍ତାହିକ ହାଟ ହୁଏ, ଯାହାକି ପଂଚାୟତରୁ ଡାକ ନେଇ ଆରଏମସି ରକ୍ଷଣାବେକ୍ଷଣ କରି ବାର୍ଷିକ ଲକ୍ଷାଧିକ ଟଙ୍କା ଲାଭବାନ ହେଉଛି । କିନ୍ତୁ ଆଜି ପର୍ଯ୍ୟନ୍ତ ହାଟ ମଧରେ ଅତି ଆବଶ୍ୟକୀୟ ସୁବିଧା ବେପାରୀ ତଥା ଲୋକଙ୍କୁ ଯୋଗାଇବାରେ ବିଫଳ ହୋଇଛି । ସେହିପରି ଏଠାରେ ପର୍ଯ୍ୟଟନ ସ୍ଥଳୀ ଭାବେ ବେଶ୍ ପରିଚିତ ଲୋକପ୍ରିୟ ଗୁଣ୍ଡିଚାଘାଗି ଜଳପ୍ରପାତ ରହିଛି । ଏଠାକୁ ହଜାର ହଜାର ଲୋକଙ୍କ ସମାଗମ ରହୁଛି । କିନ୍ତୁ, ଏପର୍ଯ୍ୟନ୍ତ ରାସ୍ତାଘାଟର ଉନ୍ନତିକରଣ ହୋଇପାରିନାହିଁ, ଅନ୍ୟ ସୁବିଧା କଥା ନ କହିବା ଭଲ, କାରଣ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ କି ଯୋଜନା ନାହିଁ ତାହା ମୁଖ୍ୟ ଆଲୋଚନାର ବିଷୟ ।

ଏହିଭଳି ବିଭିନ୍ନ ସମସ୍ୟାରେ ହରିଚନ୍ଦନପୁର ଗତି କରୁଥିବା ବେଳେ ’’ଦୀପ ତଳ ଅନ୍ଧାର ଭଳି‘ ଏଠାରେ ସବୁ ଥାଇ ମଧ କିଛି ନଥିବା ଭଳି ମନେ ହୁଏ । ଏଥିପ୍ରତି ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥା ସମ୍ଭବ ସମସ୍ୟାର ସମାଧାନ କରିବାକୁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## କୈବର୍ତ୍ତ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ପୁରୀ, ୩୦/୦୧ (ନି.ପ୍ର): ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ରାଜ୍ୟ କାର୍ଯ୍ୟକାରିଣୀ କମିଟିର ପ୍ରଥମ ବୈଠକ ଓ ସଂକଳ୍ପ ଅଧିବେଶନ ଲୋକନାଥ ରୋଡ଼ ଶ୍ରୀନୀଳାଚଳ ଖଣ୍ଡାୟତ କଲ୍ୟାଣ ପଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ବେହେରା ଅଧକ୍ଷତା କରିଥିଲେ । ଜାତୀୟ ଅନୁସୂଚିତ ଜାତି କମିଶନ ର ଉପାଧକ୍ଷ ଅରୁଣ ହାଲଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ । ଲୋକନାଥ ମନ୍ଦିର ପାଖରେ ଥିବା କୈବର୍ତ୍ତ ଭବନର ଉନ୍ନତିକରଣ ପାଇଁ ୧୦ଲକ୍ଷ ଟଙ୍କା ବିଧାୟକ ପାଣ୍ଠିରୁ ଦେବା ପାଇଁ ପ୍ରତିଶୃତି ଦେଇଥିଲେ । କାର୍ଯ୍ୟକାରୀ ସଭାପତି ମନୋଜ ବେହେରା,ସାଧାରଣ ସଂପାଦକ ସୁଧିର ଖଣ୍ଡା, କ୍ଷେତ୍ରମଣୀ ବେହେରା, ସୁଧାଂଶୁ ଶେଖର ରାହୁ,ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇ କୈବର୍ତ୍ତଙ୍କ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ଯୁବ କମିଟିର ସଭାପତି ନିହାର ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୂଷଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ଭୁବନ, ୩୦/୦୧ (ନି.ପ୍ର): ଭୁବନ ବ୍ଲକ ଭୁଷଳ ଗ୍ରାମର ଲୋକନାଥେଶ୍ୱର ଶିବ ମନ୍ଦିର ଠାରେ ମାଘ ସପ୍ତମୀ ଅବସରରେ ତିନି ଦିନ ବ୍ୟାପୀ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଶ୍ରୀପଂଚମୀ ଦିନ ଶୁଭ ଅଧିବାସ ଓ କଳସ ସ୍ଥାପନ, ଷଷ୍ଠୀ ଦିନ ନାମଯଜ୍ଞ, ସପ୍ତମୀ ଦିନ ରାଧାକୃଷ୍ଣଙ୍କୁ ନଗର ସଂକୀର୍ତ୍ତନରେ ଗ୍ରାମ ପରିକ୍ରମା କରାଯାଇଥିଲା । ଭକ୍ତମାନଙ୍କ ସହଯୋଗରେ ପ୍ରତିଦିନ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଭୁବନ ଓ ସୁକିନ୍ଦା ଅଂଚଳରୁ ୨୦ଟି ପୁରୁଷ ଓ ମହିଳା ନାମ ସଂକୀର୍ତ୍ତନ ଦଳ ଏହି ଉତ୍ସବରେ ଯୋଗ ଦେଇ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ । ସତ୍ୟସାଇ ସେବା ସମିତି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

## କିଟ୍‌ର ରୌପ୍ୟ ଜୟନ୍ତୀ ଅବସରରେ ମିନି ମାରାଥନ

କେନ୍ଦୁଝର/ଚମ୍ପୁଆ, ୩୦/୦୧ (ନି.ପ୍ର): କିଟ୍ ଅନୁଷ୍ଠାନର ୨୫ ବର୍ଷ ରୌପ୍ୟ ଜୟନ୍ତୀ ଅବସରରେ କେନ୍ଦୁଝର ଶାଖା ତରଫରୁ ସଏଲ୍ ଟୁ ସିଲଭର୍ ଏଡୁକେସନ ଫର ଅଲ୍ ବାର୍ତ୍ତା ନେଇ ଏକ ଗଣଦୌଡ ଓ ସାଧାରଣ ସଭା ଆୟୋଜିତ ହୋଇଥିଲା । କିଟ୍ ର ସଂଯୋଜକ ଜଗବନ୍ଧୁ ଦାସଙ୍କ ସଂଯୋଜନାରେ ଗଣଦୌଡକୁ ଆଜି ସକାଳ ୭ଟା ୩୦ ମିନିଟରେ ଜିଲାପାଳଙ୍କ କାର୍ଯ୍ୟଳୟରେ ପତାକା ଦେଖାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ ଉଦଘାଟନ କରିଥିଲେ । ସ୍ଥାନୀୟ ପୋଲିସ୍ ଲାଇନ ହାଇସ୍କୁଲର ଶିକ୍ଷକ ବିଜୟ ବେହେରା ଓ ମୋଚିବନ୍ଧ ସରକାରୀ ଉଚ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ ମହାପାତ୍ରଙ୍କ ନେତୃତ୍ୱରେ ସ୍କୁଲ ଛାତ୍ର ମାନେ ଗଣଦୌଡରେ ଅଂଶ ଗ୍ରହଣ କରି ସହର ପରିକ୍ରମା କରିଥିଲେ । ତାପରେ, କାଳିପଡିଆର ମୁକ୍ତ ମଂଚରେ ସାଧାରଣ ସଭା ବିଦ୍ୟାଭବନ, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମାଜସେବୀ ଅଚ୍ୟୁତସାମନ୍ତଙ୍କ ସହକର୍ମୀ ମଳୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

ଏଥିରେ କିଟ୍ ର ପୁରାତନ ଛାତ୍ର ତଥା ବାଂଶପାଳ ବ୍ଲକ ଚେୟାରମ୍ୟାନ ମାନସ କୁମାର ଦେହୁରୀ ମୁଖ୍ୟ ଅତିଥି, ପ୍ରଗତିଶୀଳ ନାଗରିକ ମଂଚ ର ଉପସଭାପତି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା, ପ୍ରେସ କ୍ଲବ ର ସଭାପତି ନିରଂଜନ ନାୟକ, ଆଇଡିଏର ପ୍ରତିଷ୍ଠାତ୍ରୀ ସମାଜସେବୀ ସେବତୀ ସିଂହ ଅତିଥି ଭାବେ ମଂଚାସୀନ ଥିଲେ । କିସ୍ ଆବାସିକ ବିଶ୍ୱବିଦ୍ୟାଳୟ ଛାତ୍ର ଅଭିଭାବକ ସଂଘ ର ସଭାପତି ମକରଧ୍ୱଜ ନାଏକ ସ୍ୱାଗତ ଭାଷଣ ଦେଇଥିଲେ । ବିଶିଷ୍ଟ ଆଦିବାସୀ ନେତା ଶିବ ଶଂକର ମାର୍ଡୀ ସଭା ପରିଚାଳନା କରିଥିଲେ । ଅତିଥି ମାନେ କିଟ୍ ଓ କିସ୍ ଅନୁଷ୍ଠାନ ଗରିବ, ଅବହେଳିତ ଜନଜାତି ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରି ଆସିଥିବାରୁ ଡଃ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବତନ ଛାତ୍ର ମାନସ ଦେହୁରୀ ତାଙ୍କ କିସ୍ ଅନୁଭୂତି ବର୍ଣ୍ଣନା କରିଥିଲେ । ମଳୟ ମହାପାତ୍ର ସୂଚନା ଦେଇଥିଲେ ଯେ, କିସ୍, କିଟ୍ ପରିସରରେ କ୍ରୀଡାର ଉପଯୁକ୍ତ ଭିତିଭୂମି ଥିବାରୁ ଆଦିବାସୀ ଛାତ୍ରଛାତ୍ରୀମାନେ ଖେଳରେ ଜାତୀୟ ଓ ଆନ୍ତରଜାତୀୟ ସ୍ତରରେ ସଫଳତା ଅର୍ଜନ କରୁଛନ୍ତି । ଆଗାମି ଶିକ୍ଷାବର୍ଷରୁ କେନ୍ଦୁଝର ଜିଲାର ନରଣପୁର ଠାରେ ୩୦୦୦ ଛାତ୍ରଛାତ୍ରୀଙ୍କୁ ନେଇ କିସ୍ ବିଦ୍ୟାଳୟ ଆରମ୍ଭ ହେବାକୁ ଯାଉଛି ବୋଲି ଭରତ ପାତ୍ର କହିଥିଲେ । ଶେଷରେ ସଭାରେ କିଟ୍ ତରଫରୁ କପ୍ ଓ ଜର୍ସୀ ବଂଟନ କରାଯାଇଥିଲା ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୩ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଧର୍ମଶାଳା, ୩୦/୦୧ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୩ ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ତଥା ବରୀ ଏବିଓ ଡ. ପ୍ରଭଞ୍ଜନ ପତି, ସମ୍ମାନୀତ ଅତିଥିଭାବେ ୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ରସୁଲପୁର ମଣ୍ଡଳ ଶିକ୍ଷାଅଧିକାରୀ ସୁଦର୍ଶନ କୁମାର, ବ୍ରହ୍ମବରଦା ପଂଚାୟତର ପୂର୍ବତନ ସରପଂଚ ବିପିନ ବିହାରୀ ଦେଓ, ବ୍ରହ୍ମବରଦା ସରପଂଚ ମମତା ଶୁଦର୍ଶନୀ ଦେଓ ଓ ଶିକ୍ଷାବିତ୍ ଆଲାଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦିବା ଘର ହେଉଛି ଶିକ୍ଷାନୁଷ୍ଠାନ । ସେମାନଙ୍କୁ ଉଚିତ ମାର୍ଗରେ ନେବା ଶିକ୍ଷାକର୍ମଚାରୀଙ୍କ ଦାୟୀତ୍ୱ । ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କୁ ଉଚିତ ମାର୍ଗରେ ଆଗକୁ ନେଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଗୁରୁଜୀ ନିଶିକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାକେନ୍ଦ୍ରର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶିକ୍ଷାନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶିକ୍ଷାକେନ୍ଦ୍ରରୁ ବୃତି ଓ ବାର୍ଷିକ କ୍ରୀଡାରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ନୃତ୍ୟ, ସଂଗୀତ ଓ ଏକକ ଅଭିନୟ ସମସ୍ତଙ୍କୁ ଆକର୍ଷିତ କରିଥିଲା । ଶେଷରେ ଗୁରୁଜୀ ନିମାଇଁ ଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜୀ ଅମ୍ବରିସ ସାହୁ, ନିହାର ରଂଜନ ଜେନା, ଦେବଦତ ମହାରଣା, ଗୁରୁମା ମନୋରମା ସାହୁ, ତପସ୍ୱୀନି ବେହେରା, ଅନିତା ସାହୁ, ସୋନାଲି ଜେନା, ସ୍ୱପ୍ନାଶ୍ରୀ ନାୟକ, ପ୍ରଜ୍ଞାପରମିତା ଦାସ, କନକଲତା ବେହେରା, ପ୍ରଦିପ୍ତମାଳୀନି ବେହେରା, ରୀନା ସିଂ, ସ୍ମିତା ମହାନ୍ତି, ଝରଣା ବିଶ୍ୱାଳ, ଶୁଭଶ୍ରୀ ନାୟକ ଓ ସସ୍ମିତା ଦାସ ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷାକର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚୋରି ଅଳଙ୍କାର ଉଦ୍ଧାର: କ୍ରେତା ସମେତ ୫ ଗିରଫ

ଗଞ୍ଜାମ, ୩୦/୦୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋଳନ୍ଥରା ଗ୍ରାମର ତଳସାହିରେ ଗତ ଡିସେମ୍ବରରେ ଘଟିଥିବା ଚୋରି ଘଟଣାରେ ପୋଲିସ ଚୋରି ଅଳଙ୍କାର ଓ ଟଙ୍କା ଜବତ କରିବା ସହ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର କେ. ରାଜେଶ, ପାଟପୁର ଥାନା ଅଧିନ ଢ଼େଙ୍ଗାଳିଆ ଗ୍ରାମର ଜିତୁ ପାତ୍ର, ଭୁବନେଶ୍ୱର ନିଳାଦ୍ରିବିହାରର ସୁଜନ ପ୍ରଧାନ, ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ କଇଥଖଣ୍ଡି ଗ୍ରାମର ମିଥୁନ ନାୟକ । ଏଥିସହ ଚୋରି ଅଳଙ୍କାର କିଣିଥିବା ଆସିକା ଥାନା ସୁବର୍ଣ୍ଣପେଟା ସାହିର ଏ. ବାବୁ ଆଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି । ଚୋରି ହୋଇଥିବା ୧୬୨ ଗ୍ରାମ୍ ସୁନା ଅଳଙ୍କାରକୁ ଜବତ ବେଳେ ଚୋରି ହୋଇଥିବା ପ୍ରାୟ ୮ ଲକ୍ଷ ଟଙ୍କାର ସାମଗ୍ରୀ ଉଦ୍ଧାର ହୋଇଛି ।

## କରଦା ହରିହାଟ, ଯଜ୍ଞ ଓ ନାମ ଯଜ୍ଞ ଉଦ୍‌ଯାପିତ

କୋରେଇ, ୩୦/୦୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ କରଦା ହରିହାଟ ମେଳା ଓ ଯଜ୍ଞ ଆରମ୍ଭ ହୋଇଛି । ଶନିବାର ପ୍ରତ୍ୟୁଷର କଳସ ବୁଡା ଯାଇ ଯଜ୍ଞ ଓ ନାମ ଯଜ୍ଞ ଆରମ୍ଭ କରାଯାଇଛଥିଲା । ଭକ୍ତମାନେ ସହସ୍ରାଧିକ ସଂଖ୍ୟାରେ ଯଜ୍ଞ କୁଣ୍ଡରେ ନଡିଆ, ଘିଅ, ଉଖୁଡା, ଧୂପ, ଦୀପ ଦାନ କରିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ସଙ୍କିର୍ତନ ମଣ୍ଡଳୀ ପକ୍ଷରୁ ନାମଯଜ୍ଞ, ଯୁବକ/ଯୁବତୀ ମାନଙ୍କ ଦ୍ୱାରା ସମୂହ ଭାଗବତ ପାଠ,ପାଣିକୋଇଲି ଅଳତିରି ମହାଲକ୍ଷ୍ମୀ ପାଠ ପକ୍ଷରୁ ଭକ୍ତ ଓ ଦର୍ଶକଙ୍କ ପାଇଁ ସମୂହ ଟଙ୍କ ତୋରାଣୀ ଯଜ୍ଞ କୁଣ୍ଡ ନିକଟରେ ପ୍ରଦାନ ଜାରି ରହିଛି । ଭକ୍ତମାନେ ଏକ କାଳୀନ ଦଧିବାଧନଜୀଉ, ଗୌରାଙ୍ଗ, ରୁଦ୍ରନାରାୟଣ, ମହାବୀର, ଶ୍ରୀ ଶନିଶ୍ଚର ଦର୍ଶନ ଲାଭ କରୁଛନ୍ତି । ଇତିହାସ ଅନୁଯାୟୀ ଏହି ପବିତ୍ର ସ୍ଥାନର ନାମ ଯଜ୍ଞର ଶବ୍ଦ ରାତ୍ରୀରେ ଶୁଣାଯାଉଥିବାରୁ ଏଠାରେ ମଠ ପ୍ରତିଷ୍ଠା କରାଯାଇଥିଲା । ପୂର୍ଣତୋୟା ବୈତରଣୀର ଅନତୀ ଦୂରରେ ଏହି ମେଳା ସ୍ଥାନୀୟ ଅଂଚଳର ଗଣପର୍ବ ତଥା କୋରାଇ ବ୍ଲକର ସବୁଠୁ ବଡ ମେଳା ବୋଲି ବିବେଚନା କରାଯାଏ । ପ୍ରତିବର୍ଷ ପରି ୪ ଅପେରା ଦଳ ଓ ୧୦ ଦିନ ବ୍ୟାପି ମହୋତ୍ସବ ସହ ମୀନା ବଜାର, ବିଭିନ୍ନ ଷ୍ଟଲ ମାନ ଖୋଲାଯାଇଛି । ଯାହା ସ୍ଥାନୀୟ ଅଂଚଳର ଲୋକମାନଙ୍କ ବର୍ଷକର ଚାହିଦା ପୂରଣ କରିଥାଏ । ଭକ୍ତମାନେ ଠାକୁର ଦର୍ଶନ କରିବା ସହ ଯାଜ୍ଞ ଓ ନାମ ଯଜ୍ଞ ପରେ ମେଳା ବୁଲିବାର ସୁଯୋଗ ହାତ ଛଡା କରୁନାହାନ୍ତି । ଭକ୍ତ ଓ ଭଗବାନଙ୍କ ମିଳନ ହୋଇଆସୁଥିବାରୁ ସବୁ ସତ୍ୱେ ଯଜ୍ଞ ବା ନାମ ଯଜ୍ଞରେ ଭକ୍ତଙ୍କ ସମାଗମ ଜାରି ରହିଛି । ସହସ୍ରାଧିକ ମହିଳା ସେମାନଙ୍କ ମାନସିକ ପୂରଣ ପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଯଜ୍ଞ କୁଣ୍ଡରେ ନଡିଆ ପକାଇଛନ୍ତି । ବଡ ବଡ ଷ୍ଟଲ, ଦୋଳି, ମୀନା ବଜାର ର ମଜ୍ଜା ଉଠାଉଛନ୍ତି କୁନି କୁନି ପିଲା ମାନେ । ଆଜି ଯଜ୍ଞ ଓ ନାମଜ୍ଞର ପୂର୍ଣ୍ଣାହୂତି କରାଯାଇଛି । ଅପରାହ୍ନ ଠାରୁ ମେଳାରେ ଧିରେ ଧିରେ ଭକ୍ତ ଓ ଦର୍ଶକଙ୍କ ସମାଗମ ଲାଗି ରହିଛି । ମଠାଧିଶ ବାବାଜୀ କୃଷ୍ଣ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ହରିହାଟ କମିଟିର ସଭାପତି ଚିନ୍ତାମଣି ବେହେରା, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ଗଣେଷ ସାହୁ, ହରିହର ସାହୁ, ମଣିନାଥ ପଣ୍ଡା, ସୁଶିଲ ବେହେରା, ପ୍ରଦୀପ୍ତ ପଣ୍ଡା, ବିଧାଧର ବେହେରା, ପ୍ରମୋଦ ମହାପାତ୍ର, ନବଘନ ପଣ୍ଡାା, ରତ୍ନାକର ସାହୁ, ପରମାନନ୍ଦ ସାହୁ, ଶଙ୍କର୍ଷଣ ପରିଡା, ଗୋକୁଳ ଚନ୍ଦ୍ର ସାହୁ, ଅଦ୍ୱୈତ୍ୟ ପ୍ରସାଦ ମଲ୍ଲିକ, ସୁବାସ ସ୍ୱାଇଁ, ପ୍ରଶନ୍ନ ବେହେରା, ତାରଣୀ ପଟ୍ଟନାୟକ, ସାବିତ୍ରୀ ସାହୁ, ମଦନ ମୋହନ ପ୍ରଧାନ, ମଦନ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ୩୦ ତାରିଖ ଅର୍ଥାତ୍ ଆଜି ମହୋତ୍ସବ ଉଦ୍ଘାଟିତ ହେବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ମେଳା ଓ ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ନେତୃତ୍ୱରେ ସଠିପୁର ଛକ ଠାରୁ ଆରମ୍ଭ କରି ମେଳାର ଚର୍ତପାର୍ଶ୍ୱ ପୁଲିସ ପଇଁତରା ଚାଲୁ ରହିବା ସହ ଅସ୍ଥାୟୀ ପୁଲିସ ବିଟ ହାଉସ ଖୋଲାଯାଇଛି । କୌଣସି ଅଘଟଣ ବା ଅସୁବଧା ହେଲେ ଅସ୍ଥାୟୀ ଶିବିରରେ ପହଂଚିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଭକ୍ତ ଓ ଦର୍ଶକ ମାନଙ୍କୁ ସୂଚନା ପ୍ରଦାନ କରାଯାଉଛି ।

## କେନ୍ଦ୍ରାପଡା ହାଇସ୍କୁଲ ପୁରାତନ ଛାତ୍ରଙ୍କ ଆଲୁମିନି ବୈଠକ

କେନ୍ଦ୍ରାପଡ଼ା, ୩୦/୦୧ (ନି.ପ୍ର): କେନ୍ଦ୍ରାପଡା ହାଇସ୍କୁଲର ପୁରାତନ ଛାତ୍ରଙ୍କ ଆଲୁମିନି ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସର୍ବ ପୁରାତନ ଏହି ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ଉଦ୍ୟମ କରାଯାଉ ଥିବାବେଳେ ଅନ୍ୟ ଯାହାକିଛି ଅଭାବ ଅସୁବିଧା ଅଛି ତାହା ସବୁ ପର୍ଯ୍ୟାୟ କ୍ରମେ ପୁରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । କାର୍ଯ୍ୟକ୍ରମରେ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକ, ଛାତ୍ର ସଂସଦର ସଭାପତି ତୈଲୋକ୍ୟ ଚରଣ ସ୍ୱାଇଁ, ଗୌର ପ୍ରସାଦ ମହାପାତ୍ର, ଦେବେନ୍ଦ୍ର ନାଥ ଦାସ, ଭଗବାନ ପତ୍ରୀ, ଡ଼ଃ ବିଶ୍ୱ ପ୍ରକାଶ କାନୁନଗୋ, ଦ୍ୱିଜନାଥ ଚାଟାର୍ଜୀ, ବଳରାମ ମହାନ୍ତି, ଚିତ ରଞ୍ଜନ ଭଗତ ପ୍ରମୁଖ ଯୋଗ ଦେଇ ଛାତ୍ର ସମୟରେ ଦୁଃଖ ସୁଖ ବାଣ୍ଟିବା ସହ ହାଇସ୍କୁଲର ଉନ୍ନତି ଓ ବର୍ତମାନର ଶିକ୍ଷା ସମସ୍ୟା ଉପରେ ଆଲୋଚନା କରିଥିଲେ ।

## ମାଘସପ୍ତମୀରେ ମାର୍କଣ୍ଡେୟ ପୁଷ୍କରଣୀ ଆଳତି

ପୁରୀ, ୩୦/୦୧ (ନି.ପ୍ର): ଶ୍ରୀକ୍ଷେତ୍ରର ଆଦ୍ୟ ତୀର୍ଥ ପୁଷ୍କରଣୀ ମାର୍କଣ୍ଡେୟ ପୁଷ୍କରଣୀ ଠାରେ ମାଘସପ୍ତମୀ ଉପଲକ୍ଷେ ଆଳତି ସମ୍ପନ୍ନ ହୋଇଛି । ଘଂଟ,ଘଂଟା,ହରିବୋଲ, ହୁଳହୁଳି ସହ ଆଧାତ୍ମିକ ପରିବେଶ ମଧରେ ଏହି ଭବ୍ୟ ଆଳତି ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ପ୍ରାକ୍ତନ ଯୁବ ପୌରସଦସ୍ୟ ଭକ୍ତଚରଣ ଦାସ,ଉପନଗରପାଳ ସବ୍ୟସଚୀ ମହାପାତ୍ର ପ୍ରମୁଖ ଆଳତିରେ ଯୋଗଦେଇ ଶ୍ରୀକ୍ଷେତ୍ରର ଆଧାତ୍ମିକ ପରିବେଶ ବଜାୟ ରଖିବା ପାଇଁ ମତ ଦେଇଥିଲେ । ସାଥୀ ସଂଘ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସଭାପତି ମନୋରଞ୍ଜନ ପାଲ,ସମ୍ପାଦକ ବାପିନ କୁମାର ଶତପଥୀଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ମାର୍କଣ୍ଡେଶ୍ୱର ମନ୍ଦିରର ପୂଜକ ଶେଷଦେବ ପଣ୍ଡା,ଅର୍ଜୁନ ପଣ୍ଡା,ନକୁଳ ପଣ୍ଡା,ମହାବୀର ସାହିନାୟକ ଓ ପତିତପାବନ ମନ୍ଦିର ସେବକ ବଳରାମ ଦାଶ ସମତେ ଅନ୍ୟ ପୂଜକମାନେ ଆଳତି କରିଥିଲେ । ଓଡ଼ିଶା କରିଡ଼ମ ପକ୍ଷରୁ ଚିତ୍ରକଳା ପ୍ରଦର୍ଶିତ କରାଯାଇଥିଲା । ପୁଷ୍କରଣୀ ଚାରିପଟ ସହ ଦୀପଦାଣ୍ଡି ନିକଟରେ ଥିବା ଜଙ୍ଘକୁଣ୍ଡକୁ ରଙ୍ଗୀନ ଆଲୋକମାଳା ସହ ବିଭିନ୍ନ ପୁଷ୍ପରେ ସଜ୍ଜିତ କରାଯାଇଥିଲା । ଯୁବ ସଂଗଠକ ବିନାୟକ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶ୍ରଦ୍ଧାଳୁମାନେ ପୁଷ୍କରଣୀ ଚାରିପଟ ଦୀପଦାନ କରିଥିଲେ । ବହୁ ସାଧୁସନ୍ଥଙ୍କ ସମେତ ମଠାଧିଶ, ସାହିବାସିନ୍ଦା ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

## ଓ.ପି.ଜି.ସିର ପୁଞ୍ଜିପ୍ରତ୍ୟାହାର ଏକ ଷଡ଼ଯନ୍ତ୍ରର କାହାଣୀ ଏବଂ ଏହାକୁ ଶୀଘ୍ର ସରକାର ରଦ୍ଧ କରନ୍ତୁ : କଂଗ୍ରେସ

ଭୁବନେଶ୍ୱର, ୩୦/୦୧ (ନି.ପ୍ର): ରାଜ୍ୟ ସରକାର ୨୦୧୩ ମସିହାରୁ ରାଜ୍ୟର ଆୟ ବଳକା ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି । ରାଜ୍ୟର ରାଜ୍ୟ ସରକାର ୨୦୨୦ ମସିହାରେ ଓ.ପି.ଜି.ସି.ର ଅଂଶିଦାର ଏ.ଇ.ଏସ୍. ପାଖରୁ ୪୯ ପ୍ରତିଶତ ଅଂଶଧନକୁ ଏକ ହଜାର କୋଟି ଟଙ୍କାରେ କ୍ରୟ କଲେ ଏବଂ ୨୦୨୦ ମସିହା ଠାରୁ ଓ.ପି.ଜି.ସି. ସଂପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ନିଜସ୍ୱ ଉଦ୍ୟଗୋ ରୁପେ ପରିଗଣିତ ହେଲା । କିନ୍ତୁ ଯେଉଁ ଅଂଶଧନକୁ ଦୁଇ ବର୍ଷ ପୂର୍ବରୁ କିଣାଯାଇଥିଲା ସେ ଅଂଶକୁ ପୂନଃର୍ବାର ରାଜ୍ୟ ସରକାର କାହିଁକି ବିକ୍ରି କରିବା ପାଇଁ ନିଷ୍ପତି ନେଇଛନ୍ତି ଏବଂ ସେଥିପାଇଁ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରାଯାଇଛି । ହଠାତ୍ କ’ଣ ଏଭଳି ଏକ ରାଜ୍ୟ ସରକାରଙ୍କ ପାଖରେ ଅର୍ଥର ଆବଶ୍ୟକତା ପଡ଼ିଲା ଯଦ୍ୱାରାକି ରାଜ୍ୟ ସରକାର ନିଜର ଆବଶ୍ୟକତା ଖର୍ଚ୍ଚକୁ ମେଂଟାଇବା ପାଇଁ ଓ.ପି.ଜି.ସିର ଦୁଇ ବର୍ଷ ତଳୁ କିଣାଯାଇଥିବା ଅଂଶଧନକୁ ବିକ୍ରି କରିବା ପାଇଁ ବାଧ ହେଲେ । ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ଶିଳ୍ପ ବିକାଶର ସ୍ୱପ୍ନ ଦେଖାଉଥିଲାବେଳେ ଆଜି କାହିଁକି ନିଜସ୍ୱ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥାର ଅଂଶଧନକୁ ବିକ୍ରି କରାଯାଉଛି । ବିଦ୍ୟୁତବିନା ରାଜ୍ୟରେ ଶିଳ୍ପ ବିକାଶ କେବେ ହେଲେ ସମ୍ଭବ ହେବ ନାହିଁ । ପୂର୍ବରୁ ଓ.ପି.ଜି.ସି.ର ଅଂଶଧନକୁ ଏ.ଇ.ଏସ୍‌କୁ ବିକ୍ରିକରି ରାଜ୍ୟରେ ପ୍ରବୁତ କ୍ଷତି ଘଟିଛି । ଝାରସୁଗୁଡ଼ା ଠାରେ ବନହରିପାଲ ଠାରେ ଓ.ପି.ଜି.ସି.ର ନିଜସ୍ୱ ତାପଜ ବିଦ୍ୟୁତ କେନ୍ଦ୍ର କଂଗ୍ରେସ ସରକାରଙ୍କ ସମୟରେ ୧୯୮୪ ମସିହାରେ ସ୍ଥାପନ କରାଯାଇଥିଲା । ସେତେବେଳେ ୧୭୪୦ ମେଗାୱାଟର ବିଦ୍ୟୁତ ଉତ୍ପାଦନର ଧାର୍ଯ୍ୟ କରାଯାଇଥିଲା । କିନ୍ତୁ କଂଗ୍ରେସ ସରକାର ସମୟରେ ମାତ୍ର ୨ଟି ୟୁନିଟ୍ (୨୧୦ ୨) ସ୍ଥାପନ କରାଯାଇଥିଲା ଏବଂ ବାକି ୨ ଟି (୬୬୦ ୨) ଏହି ଦୁଇଟି ୟୁନିଟ୍ ଏ.ଇ.ଏସ୍. ସହାୟତାରେ କରାଯିବା ପାଇଁ ନିଷ୍ପତି ହୋଇଥିଲା । କିନ୍ତୁ ୨୦୧୨ ମସିହା ପର୍ଯ୍ୟନ୍ତ ଏ.ଇ.ଏସ୍. ଏହି ଦୁଇଟି ୟୁନିଟର ସ୍ଥାପନ ପାଇଁ ଆଗ୍ରହ ଦେଖାଇଲା ନାହିଁ । ଫଳରେ ଏ ରାଜ୍ୟ ସରକାରଙ୍କର ଅପାରଗତା ଯୋଗୁଁ ଏହି ୟୁନିଟିର ସ୍ଥାପନ ଖର୍ଚ୍ଚର କ୍ଷତି ୨୦୦୦ କୋଟି ଟଙ୍କାକୁ ଛୁଇଁଲା ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ମେଡ଼ିଆ ସେଲର ଅଧକ୍ଷ ଶ୍ରୀ ଗଣେଶ୍ୱର ବେହେରା କହିଛନ୍ତି । ଶ୍ରୀ ବେହେରା ଦାବୀ କରିଛନ୍ତି ଏହି ଅଂଶଧନ ଖରିଦ୍ / ବିକ୍ରି କରିବା ଆଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଦୁର୍ନିତ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଯେତେବେଳେ ଓ.ପି.ଜି.ସି.କୁ ନିଜସ୍ୱ କୋଇଲା ବ୍ଲକ ଅଛି ଏବଂ ଏହି କୋଇଲା ଖଣିରେ ୫୦ ହଜାର ମେଟ୍ରିକ୍‌ଟନରୁ ଅଧିକ କୋଇଲା ଗଚ୍ଛିତ ଅଛି ବୋଲି ଜଣାପଡ଼ିଛି । ଯଦ୍ୱାରାକି ଆସନ୍ତା ୩୨ ବର୍ଷ ପାଇଁ ଓ.ପି.ଜି.ସି.ର ବିଦ୍ୟୁତ ଶକ୍ତି ଉତ୍ପାଦନରେ କୌଣସି ବାଧା ଉପୁଜିବ ନାହିଁ । ଅନ୍ୟ ରାଜ୍ୟମାନଙ୍କରେ ଯଥା - ମହାରାଷ୍ଟ୍ର - ୩୬୨୮୫ ମେଗାୱାଟ, ଆନ୍ଧ୍ରପ୍ରଦେଶ - ୨୨୦୫୩ ମେଗାୱାଟ, ଛତିଶଗଡ଼-୧୬୯୨୦ ମେଗାୱାଟ, ରାଜସ୍ଥାନ - ୨୦୬୪୨ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରୁଥିଲାବେଳେ ଆମ ରାଜ୍ୟ ବହୁ ପଛରେ । ପୂର୍ବ ଅନୁଭୂତିରୁ ବହୁଶିକ୍ଷା ପାଇଲା ପରେ ମଧ ଏ ନିଷ୍ପତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ରାଜ୍ୟକୁ କ୍ଷତି ପହଂଚାଇବା ପାଇଁ କଂଗ୍ରେସ ଅଭିଯୋଗ କରିଛି । ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି ଗଣମାଧମକୁ ପ୍ରକାଶ କରି କହିଛନ୍ତି ଓ.ପି.ଜି.ସି.ର ଏ.ଇ.ଏସ୍. ୪୯ ପ୍ରତିଶତ ଅଂଶଧନ ଖରିଦ କରିବା ଏବଂ ପରବର୍ତୀ ପର୍ଯ୍ୟାୟରେ ଏହାକୁ ବିକ୍ରି କରିବା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ଏହାଦ୍ୱାରା ରାଜ୍ୟ ରାଜକୋଷକୁ ଶହ ଶହ କୋଟି ଟଙ୍କା ଏବଂ ଓ.ପି.ଜି.ସି. ଭଳି ଏକ ଲାଭକାରୀ ସଂସ୍ଥାକୁ କ୍ଷତି ପହଂଚାଇବା ପାଇଁ ଏ ନିଷ୍ପତି ନିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ସେ ମହାନ୍ତି ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରି କହିଛନ୍ତି ଯେ, ଓ.ପି.ଜି.ସି. ୨୦୧୬, ୨୦୧୭ ମସିହା ପାଖରୁ ୨୦୧୯ ମସିହା ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲାଭ କରୁଥିଲା । କମ୍ପାନୀର ବ୍ୟବସାୟୀୟ ମୂଲ୍ୟ ୨୦୨୧-୨୦୨୨ ସୁଧା ପାଖାପାଖି ୪ ଗୁଣା ବୃଦ୍ଧି ପାଇଲା ବେଳେ କ୍ଷତି ମଧ ବହୁ ପରିମାଣରେ ବୃଦ୍ଧି ଘଟିଲା । ଯଦି ବ୍ୟବସାୟିକ ମୂଲ୍ୟ ଯେତେବେଳେ କମ୍ ଥିଲା ସେତେବେଳେ ଲାଭ ହେଉଥିଲା କିନ୍ତୁ ବ୍ୟବସାୟ / ଆୟ ବୃଦ୍ଧି ପାଇଲାବେଳେ କମ୍ପାନୀର ନିଟ୍‌ଲାଭ ପରିବର୍ତେ କ୍ଷତି କିପରି ହେଲା । ଏହା ମନୁଷ୍ୟକୃତ କି ? ୨୦୧୬-୨୦୧୭, ୨୦୧୭-୨୦୧୮, ୨୦୧୮-୨୦୧୯ ଆର୍ଥିକ ବର୍ଷରେ କମ୍ପାନୀର ଲାଭରେ ଡିଭିଡ଼େଂଟ ଦିଆଯାଇନଥିଲା । କମ୍ପାନୀର ସମସ୍ତ ଲାଭକୁ ସଂଗୃହିତ ଲାଭ ଦେଖାଯାଉଥିଲା । ଯଦ୍ୱାରାକି କମ୍ପାନୀର ବାଲାନ୍ସ ସିଟ୍ ବହୁତ ଉଜ୍ଜ୍ୱଳ ଓ ଶକ୍ତିଶାଳୀ କରାଯାଉଥିଲା । ଫଳସ୍ୱରୂପ କମ୍ପାନୀର ପ୍ରତି ସେୟାରର ରୋଜଗାର ମୂଲ୍ୟ ବହୁପରିମାଣରେ ବୃଦ୍ଧି ପାଇଲା । ଠିକ୍ ସେହି ସମୟରେ ଓଡ଼ିଶା ସରକାର ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ମାଧମରେ ଏ.ଇ.ଏସ୍.ର ୪୯ ପ୍ରତିଶତ ଅଂଶଧନକୁ ୧ ହଜାର କୋଟିରେ କିଣିଲେ । ପ୍ରଶ୍ନ ଉଠୁଛି ଏଭଳି ଅନୁକମ୍ପା ଏ.ଇ.ଏସ୍.କୁ ଦେଖାଇବାବେଳେ କାରଣ କ’ଣ । ନା’ ଏଥିରେ କିଛି ଶହ ଶହ କୋଟି ଟଙ୍କା ଦୁର୍ନିତ କରାଯାଇଛି ବୋଲି କଂଗ୍ରେସ ପ୍ରଶ୍ନ କରୁଛି । କିନ୍ତୁ ଅଂଶଧନ ଖରିଦ୍ କରିବାର ୨ ବର୍ଷ ପରେ ଓ.ପି.ଜି.ସି. କ୍ରମାନ୍ୱୟରେ କ୍ଷତି କରୁଛି । ଫଳରେ କମ୍ପାନୀର ବାଲାନ୍‌ସ୍‌ଟି ଦୁର୍ବଳ ହୋଇଯାଇଛି । ଏବଂ ଆରର୍ନିଙ୍ଗ ପର ସେୟାର ର ମୂଲ୍ୟ ମଧ କମିଯାଇଛି । ଠିକ୍ ଏଭଳି ସ୍ଥିତିରେ ପୁଣଇି ସେହି ଅଂଶଧନକୁ ବିକିବା ଦ୍ୱାରା ଓ.ଏଚ୍.ପି.ସି. ୧୦୦୦ କୋଟି ଟଙ୍କା ଏବଂ ୧୦୦୦ କୋଟି ଟଙ୍କା ପାଇବ କି ? ନା’ ଏହି ଅଂଶଧନକୁ କମ୍ ଦାମରେ ବିକ୍ରି କରିବ । ଯେହେତୁ କମ୍ପାନୀ କ୍ଷତି କରୁଛି ତେଣୁ ଏଭଳି ସ୍ଥିତିରେ କ୍ରେତାମାନେ ଅଧିକ ପଇସା ଦେଇ ସେୟାର କାହିଁକି କଣିବେ । ଫଳରେ ଏହି କିଣା ବକାଷର ଯୋଁ ଶହ ଶହ କୋଟି ଟଙ୍କା କ୍ଷତି ହେବ । ଏହାର ଦାୟିତ୍ୱ କିଏ ନବ । ଏ କ୍ଷତି ନିଜର ରାଜନୈତିକ ଫାଇଦା ଏବଂ କିଛି ବଡ଼ ବଡ଼ ଆଇ.ଇ.ଏସ୍‌ଙ୍କୁ ଫଇଦା ପହଂଚାଇବା ପାଇଁ କରାଯାଇଛି କି ବୋଲି କଂଗ୍ରେସ ଅଭିଯୋଗ କରିଛି ।

## ଚୋରା ଗଞ୍ଜେଇ ସହ ୨ ବେପାରୀ ଗିରଫ

ବସ୍ତା,୩୦/୦୧ (ନି.ପ୍ର): ବାଲେଶ୍ୱର,ବସ୍ତା ଓ ବାଲିଆପାଳ ଅବକାରୀ ର ମିଳିତ ଭାବେ ୧୫ ଜଣିଆ ଟିମର ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଚଢ଼ାଉ ୩ କିଲୋ ଗଞ୍ଜେଇ ସହ ଦୁଇ ଜଣ ବେପାରୀ ଗିରଫ । ସୂଚନା ରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋର ସମୟରେ ବିଶେଷ ସୂତ୍ରରୁ ଖବର ପାଇ ବାଲେଶ୍ୱର, ବସ୍ତା ଓ ବାଲିଆପାଳ ଅବକାରୀ ର ମିଳିତ ଭାବେ ୧୫ ଜଣିଆ ଟିମ୍ ବସ୍ତା ଥାନା ଅର୍ନ୍ତଗତ କୁଡ଼ିଆ ଗ୍ରାମରେ ଘନଶ୍ୟାମ ବାରିକ, ବାଲିଆପାଳ ଥାନା ଅନ୍ତର୍ଗତ କଚୁଆପଡ଼ା ଗ୍ରାମର ଦିଲିପ କୁମାର ଜେନା ଘରେ ଚଢ଼ାଉ କରି ଦୁଇ ବେପାରୀ ଠାରୁ ୩ କିଲୋ ଗଞ୍ଜେଇ ଜବତ କରି ଦୁଇ ଜଣକୁ ଗିରଫ କରିଛି ଅବକାରୀ ବିଭାଗ । ଏ ନେଇ ବସ୍ତା ଅବକାରୀ ପୁଲିସ କେସ ନଂ ୧୫୮- ୨୨/୨୩ ଓ ବାଲିଆପାଳ ୧୬୦-୨୨/୨୩ରେ ଦୁଇଟି ପୃଥକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

## ଗଜେନ୍ଦ୍ରନାଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୩୦/୦୧ (ନି.ପ୍ର): ବରୁଣସିଂ ପଞ୍ଚାୟତର ରୂପାଲୀ ପଡ଼ିଆରେ ଗଜେନ୍ଦ୍ରନାଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨ୟ ଦିବସରେ ଉଦ୍‌ଘାଟିତ ହୋଇଯାଇଛି । ବରୁଣସିଂ ଗ୍ରା.ପ୍ର.ର ନୀଳଗିରି ରୋଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚଳିତ ଖେଳ ଭଦ୍ରକ ଓ ଲକ୍ଷ୍ମଣନାଥ ଟିମ୍ ମଧ୍ୟରେ ଆରମ୍ଭ ହୋଇଥିଲା । ଅତିଥିଭାବରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ନୀଳଗିରି ରୋଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଦାସ, ସମାଜ ସେବୀ ମାର୍କଣ୍ଡ ଚରଣ ସେଠୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ଖେଳାଳୀ ଓ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଭାପତି କାହ୍ନୁଚରଣ ପାଣିଗ୍ରାହୀ, ଶଶୀକାନ୍ତ ପରିଡ଼ା, ଅଞ୍ଜନ ଚାନ୍ଦ, ବୀରେନ୍ଦ୍ର ରାଉତ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ । ଖେଳ ଶେଷରେ ଲକ୍ଷ୍ମଣନାଥ ଟିମ ୨୪୦ରେ ବିଜୟୀ ହୋଇଥିଲେ । ତିନିଜଣ ପୂର୍ବତନ କ୍ଲବ ବରିଷ୍ଠ ସଦସ୍ୟଙ୍କୁ ଅଙ୍ଗବସ୍ତ୍ର ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଫାଇନାଲରେ ବିଦେଶକୁ ୧୫ ଓ ରନରସ୍ ଅପ୍ ୪୪ ଯଥାକ୍ରମେ ୧୫ହଜାର ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା । ବହୁ ଦର୍ଶକ ଏହି ଖେଳକୁ ଆଗ୍ରହର ସହିତ ଉପଭୋଗ କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୩୦/୦୧ (ନି.ପ୍ର): ସୋର ପାଖର ପଞ୍ଚାୟତର ଧର୍ମପ୍ରାଣା ମହିଳା ହେମଲତା ମହାପାତ୍ରଙ୍କର ୯୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କର ପୁତ୍ର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ଆଇନଜୀବୀ ମହେଶ ଚନ୍ଦ୍ର ମହାପାତ୍ର, ହିମାଂଶୁ ଶେଖର ମହାପାତ୍ର, ବୋହୂ ଅପର୍ଣ୍ଣା ମହାପାତ୍ର, ଡାକ୍ତର ମଞ୍ଜୁଲତା ଦାସ, ସ୍ନେହଲତା ତ୍ରିପାଠୀ, କନ୍ୟା ଲାବଣ୍ୟବତୀ ମହାପାତ୍ର, ଜ୍ୱାଇଁ ଡାକ୍ତର କେଶବ ଚନ୍ଦ୍ର ପଣ୍ଡା, ସୁଶନ ପଣ୍ଡା, ସ୍ୱସ୍ତିରଂଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଦୁର୍ଗାପୁର ଗ୍ରାମ ଶ୍ମଶାନରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁତ୍ର ମହେଶ ମହାପାତ୍ର ମୁଖାଗ୍ନି ଦେଇଛନ୍ତି । ଜଣେ ଦରଦୀ, ପରପୋକାରୀ ତଥା ଧର୍ମପ୍ରାଣା ମହିଳା ଭାବେ ପରିଚିତ ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

# ଜୀବିତ ବୃଦ୍ଧଙ୍କୁ ଭୂତ କରିଦେଲେ ପଂଚାୟତ ପି.ଇ.ଓ. : ୩ ମାସର ଭତ୍ତା ବନ୍ଦ

ନୀଳଗିରି,୩୦/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ କାର୍ଯ୍ୟରତ କିଛି ପଂଚାୟତ ସଂପ୍ରସାରଣ ଅଧିକାରୀ (ପି.ଇ.ଓ.) ଙ୍କ ପାଇଁ କଳଙ୍କର ଦାଗ ଛାପି ହେଉଛି ବ୍ଲକ ଉପରେ । କେତେବେଳେ କୌଣସି କାର୍ଯ୍ୟ ନ କରି ଲକ୍ଷ ଲକ୍ଷ ଟଙ୍କା ଚଲୁ କରି ଦେଇଥିବା ବେଳେ କେତେବେଳେ ମୃତକଙ୍କ ଭତା ଟଙ୍କାକୁ ପକେଟରେ ରଖି ଗରମ କରୁଥିବାର ଚର୍ଚ୍ଚା ଚାଲିଥିବା ବେଳେ ଏବେ ଜୀବିତ ବ୍ୟକ୍ତିଙ୍କୁ ମୃତ ଘୋଷଣା କରି ୪ମାସର ଭତା ଦେଉ ନ ଥିବାର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ପରେ ପରିବାର ସଦସ୍ୟ ଏପରି ଘଟଣା ଶୁଣିବା ପରେ ଘଟଣା ବାବଦରେ ଲିଖିତ ଭାବେ ନୀଳଗିରି ବି.ଡି.ଓ. ରାହୁଲ ମଣ୍ଡଳଙ୍କୁ ଜଣାଇବା ପରେ ବିଡିଓ ଘଟଣାକୁ ନେଇ ଖପ୍ପା ହୋଇଛନ୍ତି । ଏପରି ଏକ ଚକିତ ଘଟଣା ନୀଳଗିରି ବ୍ଲକର ବରହମପୁର ଗ୍ରା.ପ.ର ବରହମପୁର ଗାଁରେ



ନାରାୟଣ ପାଣି (୮୩) ପିତା : ୰ହାଡ଼ିବନ୍ଧୁ ପାଣି ସରକାରଙ୍କ ଯୋଜନାରେ ବହୁଦିନ ଧରି ବାର୍ଦ୍ଧକ୍ୟଭତା ପାଇ ଆସୁଥିବା ବେଳେ ହଠାତ୍ ୨୦୨୨ ମସିହା ନଭେମ୍ବର ମାସ ଠାରୁ ଏ ଯାବତ ଭତା ତାଙ୍କ ବ୍ୟାଙ୍କ ଖାତାକୁ ଯାଇ ନ ଥିବା ବେଳେ ଘଟଣା ବାବଦରେ ନୀଳଗିରି ବ୍ଲକକୁ ଯାଇ ପଚାରି ବୁଝନ୍ତେ, ଉକ୍ତ ପଂଚାୟତର ପି.ଇ.ଓ. ଶାନ୍ତିଲତା ନାଏକ ମୃତ ଦର୍ଶାଇଥିବାର ସୂଚନା ପାଇଥିଲେ । ଫଳରେ ନାରାୟଣ ପାଣି ଚକିତ ହୋଇପଡ଼ିଥିଲେ । ବଂଚି ଥାଉଁ ଥାଉଁ ମୋତେ ପି.ଇ.ଓ. ଶାନ୍ତିଲତା କ'ଣ ପାଇଁ ମୃତ କରି ଦେଲେ କହି କାନ୍ଦି କାନ୍ଦି ଘରକୁ ଫେରି ପରିବାରକୁ ଘଟଣା ବାବଦରେ ଜଣାଇଥିଲେ । ପି.ଇ.ଓ. ଶାନ୍ତିଲତା ନାଏକ କ'ଣ ପାଇଁ ବଂଚି ଥାଉଁ ଥାଉଁ ମୃତ ଦର୍ଶାଇ ଭତାକୁ ବନ୍ଦ କରିଦେଲେ, ନା ରାଜନୈତିକ ଚାପ ନା ଅର୍ଥର ଲାଳସାରେ ବଶବର୍ତୀ ହୋଇ ଏପରି ଅମାନୁଷିକ କାର୍ଯ୍ୟ କଲେ ତାହା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପରିବାର ଲୋକେ ଦାବୀ କରିଛନ୍ତି । ପି.ଇ.ଓ. ଶାନ୍ତିଲତା ନାଏକଙ୍କ ବିରୁଦ୍ଧରେ ବିଭିନ୍ନ ପଂଚାୟତରେ ଅର୍ଥ ହରିଲୁଟ ଅଭିଯୋଗ ହୋଇଥିବା ନିଜ ପଂଚାୟତ ମେଜରମେଂଟ ବୁକ୍‌ରେ ଫାଙ୍କା ପେଜ୍ ଛାଡ଼ି ପରେ ଦସ୍ତଖତ କରିଥିବାର ଅଭିଯୋଗ ହୋଇଛି । ଯଦି ଚାକିରି କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ନାହିଁ, ତେବେ ସ୍ୱଇଚ୍ଛାରେ ଚାକିରି ଛାଡ଼ି ଦିଅନ୍ତୁ ବୋଲି ଅଂଚଳବାସୀ ଦାବୀ କରିଛନ୍ତି । ଘଟଣାକୁ ଗୁରୁତ୍ୱ ଦେଇ ବି.ଡି.ଓ. ସଂପୃକ୍ତ ପି.ଇ.ଓ.ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବୀ ହୋଇଛି ।

# ବାରିପଦାରେ ଖୋଲିଲା ଉତ୍କଳ ହସପିଟାଲର ସୁପରସ୍ପେସାଲିଟି କ୍ଲିନିକ



ବାରିପଦା,୩୦/୦୧ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ବାରିପଦାର ଭୁଗୁଡାକଟା ଠାରେ ଉତ୍କଳ ହସ୍ପିଟାଲର ଏକ ସୁପର ସ୍ପେଶାଲିଟି ଆଉଟରିଚ ସେଂଟର ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ଚେୟାରମ୍ୟାନ ତଥା ହୃଦରୋଗ ବିଶେଷଜ୍ଞ ଡାକ୍ତର ଆଦିତ୍ୟ କୁମାର ସାମଲ ଏବଂ ଡାକ୍ତର ନିତ୍ୟାନନ୍ଦ ଉପାଧ୍ୟାୟ ଏହାକୁ ଉଦଘାଟନ କରିଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ସିଇଓ ଡା. ଆଶିଷ ଚନ୍ଦ୍ର, ନିର୍ଦ୍ଦେଶକ ଶୈଳେନ୍ଦ୍ର ନାରାୟଣ ପଣ୍ଡା ଓ ସିଓଓ ଡା. ଆଲୋକ ଲୋଧା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ପାଇଁ ଉନ୍ନତମାନର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ ଉତ୍କଳ ହସ୍ପିଟାଲ ପକ୍ଷରୁ ଏହି ସୁପର ସ୍ପେଶାଲିଟି ଆଉଟରିଚ ସେଂଟର ଆରମ୍ଭ କରାଯାଇଛି ବୋଲି କହିଥିଲେ । ଏହି କ୍ଲିନିକରେ ପ୍ରତିଦିନ ମେଡିସିନ, ଚିକିତ୍ସା, ନିଦାନ, ଫାର୍ମାସି ଏବଂ ହୋମ୍ ସର୍ଭିସ ସହିତ କାର୍ଡିଓଲୋଜି, କାର୍ଡିଓ ଥୋରାସିକ ସାଇନ୍ସ ଅର୍ଥୋପେଡ଼ିକ, ଜଏଣ୍ଟ ଆଣ୍ଡ ସ୍ପାଇନ, ଅଙ୍କୋଲୋଜି, ନ୍ୟୁରୋ ସାଇନ୍ସ, ଗ୍ୟାଷ୍ଟ୍ରୋ ୟୁରୋଲୋଜି ସାଇନ୍ସ ଆଦି ବିଭାଗରେ ସାପ୍ତାହିକ ସୁପର ସ୍ପେସାଲିଟି କ୍ଲିନିକ ସେବା ଉପଲବ୍ଧ ହେବ ବୋଲି ଜଣା ଯାଇଛି ।

# ୧ଶହ ଆଠ କୁଣ୍ଡିୟ ବିଶ୍ୱକଲ୍ୟାଣ ମହାଯଜ୍ଞ



ବସ୍ତା,୩୦/୦୧ (ନି.ପ୍ର): ବାଲେଶ୍ୱରଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥକ୍ଷ ବ୍ରଜମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୦୮କୁଣ୍ଡିୟ ଯଜ୍ଞ, ଭଜନ ଓ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି କ୍ଷ ରୂପସା ଅଗ୍ନିହୋତ୍ର ପରିବାର ଓ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାଶ୍ରମ ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାଣି ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଆର୍ଯ୍ୟ ସମାଜର ମାର୍ଗଦର୍ଶକ ତଥା ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ଦେଇ ପରିବେଶ ଶୁଦ୍ଧତା ପାଇଁ ଯଜ୍ଞ ଓ ବୃକ୍ଷରୋପଣ ଜରୁରୀ ଏବଂ ଦୟା, ଦାନ, ପରୋପକାର ହିଁ ପ୍ରକୃତ ଧର୍ମ ବୋଲି ବକ୍ତବ୍ୟରେ କହିଥିଲେ କ୍ଷ ସମ୍ମାନୀତ ଅତିଥି ଅଧକ୍ଷ ମାନସ କୁମାର ମାଇତି, ପୂର୍ବତନ ଅଧାପକ ତରଣୀସେନ ଜେନା, ପୂର୍ବତନ ଶିକ୍ଷକ ବଳରାମ ସାହୁ ଓ ଦୋଳଗୋବିନ୍ଦ ପାଣି, ସମାଜସେବୀ ନିଶ୍ଚିନ୍ତ ବେହେରା, କାହ୍ନୁଚରଣ ପ୍ରଧାନ, କମଳାକାନ୍ତ ମଲ୍ଲିକ ଓ ସଂଜୀବ ମଣ୍ଡଳ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ । ଅଗ୍ନିହୋତ୍ର ପରିବାର ଆବାହକ ବାଞ୍ଛାନିଧି ଦେ ମଞ୍ଚ ପରିଚାଳନା କରିଥିଲେ । ସଂସ୍କୃତ ଅଧାପକ ସୁଧାକର ଶାସ୍ତ୍ରୀ ଓ ରବିନାରାୟଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ପ୍ରବଚନ ଦେଇଥିଲେ ପଣ୍ଡିତ ବିରେନ୍ଦ୍ର ପଣ୍ଡା । ସଂଗୀତ ଅଧାପକ ଅର୍ଜୁନ କୁମାର ଦଳାଇଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ଦେବସ୍ମିତା, ଅର୍ଚିସ୍ମିତା ଓ ଦୀପ୍ତରାଗ ବୈଦିକ ଭଜନ ପରିବେଷଣ କରିଥିଲେ । ଆଞ୍ଚଳିକ ଯଜ୍ଞ ପରିଚାଳନା କମିଟି ଓ ସମସ୍ତ ଅଧାପକ, ଅଧାପିକାଙ୍କ ସମେତ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ ଅଞ୍ଚଳରୁ ୫ ଶହ ରୁ ଉର୍ଦ୍ଧ ପୁରୁଷ, ମହିଳା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ ।

## କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ନୂଆସାହିରେ ଶିକ୍ଷକ ଓ ଅଭିଭାବକ ଆଲୋଚନା ଚକ୍ର

ଉଦଳା,୩୦/୦୧ (ନି.ପ୍ର): ଆଜି କପ୍ତିପଦା ସ୍ଥିତ ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅଭିଭାବକ ଓ ଶିକ୍ଷକ ସାକ୍ଷାତ(ପି.ଟି.ଏମ) ବିଦ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ଏକାଡେମିକ ଦାୟିତ୍ୱରେ ଥିବା ଅଧାପକ ସର୍ବେଶ୍ୱର ବିଶ୍ୱାଳ ଏହି ସଭାର ଉଦ୍ଦେଶ୍ୟ ଏବଂ ସରକାରଙ୍କ ପତ୍ର କ୍ରମାଙ୍କ ସମ୍ପର୍କରେ ଅବଗତ କରାଇବା ସହ ଅଧକ୍ଷତା କରିବା ନିମନ୍ତେ ଅଧକ୍ଷଙ୍କୁ ଅନୁରୋଧ କରିବା ପରେ ଅଧକ୍ଷ ଅଭିଭାବକ ମାନଙ୍କୁ ସ୍ୱାଗତ ଜଣାଇବା ସହ ପିଲାର ସଫଳତାରେ କିଭଳି ଅଭିଭାବକଙ୍କର ଭୂମିକା ସେ ସମ୍ପର୍କରେ ଆଲୋଚନା କରିଥିଲେ । ପିଲାମାନେ ପାଠ ପଢିବାକୁ ଆସି କ୍ଲାସ ରୁମରେ କେତେ ସମୟ ବିତାଉଛନ୍ତି ବା ସେମାନଙ୍କର ପ୍ରଗ୍ରେସ ସମ୍ପର୍କରେ ଅଭିଭାବକମାନଙ୍କୁ ଜାଣିବାର ଆବଶ୍ୟକତା ଅଛି ଯାହା ଅଭିଭାବକମାନେ ପ୍ରତ୍ୟକ୍ଷରେ କିମ୍ବା ଟେଲିଫୋନ ମାଧ୍ୟମରେ ବିଦ୍ୟାଳୟରୁ ଜାଣିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ ଉପସ୍ଥିତ ଶତାଧିକ ଅଭିଭାବକଗଣ ସେମାନଙ୍କର ସକରାତ୍ମକ ମତାମତ ଦେଇଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧାପକ କର୍ମଚାରୀ ଉପସ୍ଥିତ ରହିବା ସହ ଅଭିଭାବକମାନଙ୍କର ବିଭିନ୍ନ ପ୍ରଶ୍ନ ଗୁଡିକ ଭିନ୍ନ ଭିନ୍ନ ଦାୟିତ୍ୱରେ ଥିବା ଅଧାପକମାନେ ଉତ୍ତର ରଖିଥିଲେ ।

# ବିଜୁ ଭବନରେ ନବ ଦାସଙ୍କ ପରଲୋକରେ ଶୋକସଭା

ବାରିପଦା,୩୦/୦୧ (ନି.ପ୍ର): ସୋମବାର ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନଠାରେ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ବାରିପଦା ପୌରପରିଷଦର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଶୋକସଭାରେ ପ୍ରଥମେ ସ୍ୱର୍ଗୀୟ ମନ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ପଣ କରି ଦୁଇ ମିନିଟ୍ ଶୋକସଭା ପାଳନ କରାଯାଇଥିଲା । ଏହି ସଭାରେ ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ଜିଲ୍ଲା



ପରିଷଦର ଅଧକ୍ଷ ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ. ଦେବାଶିଷ ମାରାଣ୍ଡି, ଉପାଧ୍ୟକ୍ଷ କମଳା ତିରିଆ, ମୟୂରଭଞ୍ଜ ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ବିଜୁ ମହିଳା ଜନତା ଦଳର ସଭାପତି ଦିପ୍ତୀଲତା ମିଶ୍ର, ଜିଲ୍ଲା ଯୋଜନା ବୋର୍ଡର ବିଶେଷଜ୍ଞ ସଦସ୍ୟ ଜିତେନ୍ଦ୍ର ମହାନ୍ତି, ବିଜୁ ଜନତା ଦଳର ଉପସଭାପତି ଓକିଲୋ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ତାଙ୍କ ବକ୍ତବ୍ୟରେ ସ୍ୱର୍ଗୀୟ ନବକିଶୋର ଦାସ ଜଣେ ଅମାୟୀକ ବ୍ୟକ୍ତିତ୍ୱ ଥିଲେ, ତାଙ୍କର ବିଭାଗ ବିଗତ କରୋନା ସମୟରେ ଅନେକ ଉଚ୍ଚକୋଟୀର କାର୍ଯ୍ୟକରି ଓଡିଶା ତଥା ଭାରତରେ ଏକ ଅଗ୍ରଣୀ କରୋନା ମୁକାବିଲା ରାଜ୍ୟ ଭାବରେ ବିବେଚିତ ହୋଇଥିଲା । ସେ ଜଣେ ଦୃଢ ସଙ୍ଗଠକ ଥିଲେ । ତାଙ୍କର ବିୟୋଗ ଆମ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ସମସ୍ତେ ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଧାନସଭା ସଚିବଙ୍କ କାର୍ଯ୍ୟକାଳ....

ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଅବସରପ୍ରାପ୍ତ ଆଇଏଏସ୍ ଦାଶରଥୀ ଶତପଥୀଙ୍କୁ ପୁଣିଥରେ ଓଡ଼ିଶା ବିଧାନସଭାର ଓଏସଡି ତଥା ସଚିବ ଭାବେ ନିଯୁକ୍ତି ପାଇଛନ୍ତି । ସେ ୨୦୨୩ ଫେବୃୟାରୀ ୧ରୁ ଏକବର୍ଷ ପାଇଁ କାର୍ଯ୍ୟ କରିବେ । ସେ ସ୍ୱତନ୍ତ୍ର ସଚିବ ପାହ୍ୟା ଅଫିସର ଭାବେ ସୁବିଧାସୁଯୋଗ ପାଇବେ ।

### ମରିବାକୁ ପସନ୍ଦ କରିବି ସିନା....

ନୀତୀଶଙ୍କ ବୟାନ ସେହି ସମୟରେ ଆସିଛି ଯେଉଁ ସମୟରେ ତାଙ୍କ ଦଳର ନେତା ଉପେନ୍ଦ୍ର କୁଶୱାହ ତାଙ୍କ ଉପରେ ଲଗାତର ନିଶାନା ଲଗାଇଚାଲିଛନ୍ତି । ସେ ଦାବି କରିଛନ୍ତି, ଜେଡିୟୁର ବଡ ବଡ ନେତା ବିଜେପିର ସମ୍ପର୍କରେ ରହିଛନ୍ତି । ସେ ଯେତେବେଳେ ଚିକିତ୍ସା ପାଇଁ ଏମ୍ସରେ ଭର୍ତ୍ତି ହୋଇଥିଲେ ସେତେବେଳେ ତାଙ୍କ ସହ ଅନେକ ବିଜେପି ନେତାଙ୍କ ଫଟୋ ସାମ୍ନାକୁ ଆସିଥିଲା । ଏହା ପରେ ସେ ବିଜେପିରେ ସାମିଲ ହେବା ନେଇ ଚର୍ଚ୍ଚା ହୋଇଥିଲା । ତେବେ ସେ କହିଥିଲେ ଯେ ଜେଡିୟୁ ଛାଡି ସେ କେଉଁଆଡେ ଯିବେ ନାହିଁ ।

# ଆରଏସପିର ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷାସଦନରେ ଏକାଦଶ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ

ରାଉରକେଲା,୩୦/୦୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷାସଦନରେ ଏକାଦଶ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ପ୍ରଦାନ ସମାରୋହ ଜାନୁଆରୀ ୨୮ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂଘତିର ଅଧକ୍ଷା, ଶ୍ରୀମତୀ ସୀମା ଦେବ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷା, ଶ୍ରୀମତୀ ହିରଣ୍ମୟୀ ଶତପଥୀ, ଡକ୍ଟର ସୁସ୍ମିତା ଦାସ ଏବଂ ଶ୍ରୀମତୀ ଜୟଶ୍ରୀ ହୋତା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଏହି ଅବସରରେ ସଂଘତିର ସମ୍ପାଦିକା, ଶ୍ରୀମତୀ ନିଧି ସିଂହଲ ଏବଂ ଅନ୍ୟ କାର୍ଯ୍ୟକାରିଣୀ ପରିଷଦ ସଦସ୍ୟା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶ୍ରୀ ଏସ ସାମଲ, ବିଦ୍ୟାଳୟ ପ୍ରଶାସକ,ଶ୍ରୀ ଏସ୍ କେ ମିଶ୍ର, ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ । ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ରୂପେ ପ୍ରଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା । ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀମତୀ ଭୌମିକ ଗରିବ ଏବଂ ନିଷ୍ପେଷିତ ପିଲାମାନଙ୍କ ମଧ୍ୟରେ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ସେଲ ଆରଏସପିର ଉଦ୍ୟମର ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ କଠିନ ପରିଶ୍ରମର ମଧ୍ୟ ସେ ପ୍ରଶଂସା କରିଥିଲେ ଯାହା ଜିଲ୍ଲା ତଥା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପିଲାମାନଙ୍କୁ ଉନ୍ନତ ପ୍ରଦର୍ଶନ କରିବାରେ ସାହାଯ୍ୟ କରିଛି । ପାଠ୍ୟକ୍ରମ ସମ୍ବନ୍ଧୀୟ ଅନୁସନ୍ଧାନ ସହିତ ସହ-ପାଠ୍ୟକ୍ରମ ଏବଂ ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟଧାରାର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇ ସେ ପିଲାମାନଙ୍କୁ ସାମଗ୍ରିକ ବ୍ୟକ୍ତିତ୍ୱ ପାଇଁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବାକୁ ଉତ୍ସାହିତ କରିଥିଲେ ।

# ଆରଏସପି ଆନୁକୂଲ୍ୟରେ ଫେବୃଆରୀ ୪ ଓ ୫ ତାରିଖରେ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀର ଆୟୋଜନ

ରାଉରକେଲା,୩୦/୦୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ୨୦୨୩ ଫେବୃଆରୀ ୪ ଓ ୫ ତାରିଖରେ (ଶନିବାର ଓ ରବିବାର) ସେକ୍ଟର ୮ ସ୍ଥିତ ଜୁବୁଲି ପାର୍କଠାରେ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆୟୋଜିତ ହେବାକୁ ଯାଉଛି । ଏଥିରେ ଡିନର୍ ବାଉଲ ଆରେଞ୍ଜମେଣ୍ଟ୍ ଏବଂ ବେଷ୍ଟ ଆରେଞ୍ଜଡ୍ ଫ୍ଲାୱାର ଭେସ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ ଯେଉଁଥିରେ କେବଳ ମହିଳାମାନେ ଅଂଶଗ୍ରହଣ କରିପାରିବେ । ଅନ୍ୟ ପ୍ରତିଯୋଗିତା ଯଥା ବଟନ୍ ହୋଲ୍, ପୁଷ୍ପଗୁଚ୍ଛ, ଫୁଲମାଳ (ଗୋଲାପ ବ୍ୟତୀତ) ଏବଂ ଫୁଲ ଓ ପତ୍ରରେ ନିର୍ମିତ ମଡେଲଗୁଡିକର ଉପସ୍ଥାପନାରେ ସମସ୍ତେ ଅଂଶଗ୍ରହଣ କରିପାରିବେ । ଏହା ବ୍ୟତୀତ କଟ ଫ୍ଲାୱାର, ବିଭିନ୍ନ ରଙ୍ଗ ଏବଂ କିସମର ସ୍ପେଶିମେନ ବ୍ଲୁମ ରୋଜ, ଯେକୌଣସି ସଂପୂର୍ଣ୍ଣ ଖୋଲା ଏଚଟି ରୋଜ କିସମ, ଏକକ ଷ୍ଟେମ ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ, ୩ ଷ୍ଟେମ ୩ କିସମର ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ ଏବଂ ୨ ଷ୍ଟେମ ମିନିଏଚର/ ପଲିଏନ୍ଥା/ ବିବିଧ କିସମର ରୋଜ ବର୍ଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଚନ୍ଦ୍ରମଲ୍ଲିକା, ଡାଲିଆ, ଡାଏନ୍ଥସ, ସ୍ୱୀଟ ପିଜ, ଆଣ୍ଟିରିୟମ, କାନର୍ଣ୍ଣେସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ପେନ୍ସି, ଜରବେରା, ଲ୍ୟୁପୀନ, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ,ଗ୍ଲାଡିଓଲି, କ୍ୟାଣ୍ଡିଟୁଫ୍ଟ ଏବଂ ଏକକ ଷ୍ଟେମ୍ / ସ୍ପାଇକ୍ ପାଇଁ ମଧ୍ୟ ପୃଥକ ପ୍ରତିଯୋଗିତା ରହିବ । ଫୁଲକୁଣ୍ଡ ବର୍ଗଗୁଡିକରେ ଚନ୍ଦ୍ରମଲ୍ଲିକା, ଫୋଲିଏଜ, ୪ ଟି ବିଭିନ୍ନ ପ୍ରକାରର ବାରମାସୀ ଫୁଲ, ଡାଲିଆ, ରୋଜ, ଜାରବେରା, ଆଫ୍ରିକୀୟ / ଇନ୍କା ମାରିଗୋଲ୍ଡ ଏବଂ ବନସାଇ ପାଇଁ ମଧ୍ୟ ପ୍ରତିଯୋଗିତା ରହିଛି । ବଗିଚାରେ ରୁଚି ରଖୁଥିବା ଲୋକଙ୍କ ପାଇଁ ପନିପରିବା ଏବଂ ଫଳ ପାଇଁ ପ୍ରତିଯୋଗିତା ମଧ୍ୟ ରହିଛି । ଏହି ପ୍ରଦର୍ଶନୀରେ ଭାଗନେବା ନିମନ୍ତେ ଫୁଲ ମଡେଲଗୁଡିକ ପାଇଁ ଫେବୃଆରୀ ୩ ତାରିଖ ମଧ୍ୟାହ୍ନ ୧୨ ଟା ସୁଦ୍ଧା ଉଦ୍ୟାନ କୃଷି ବିଭାଗର ଏଜିଏମ୍‌ଙ୍କୁ ସୂଚିତ କରିବାକୁ ହେବ । ଅନ୍ୟ ସମସ୍ତ ଏଣ୍ଟ୍ରି ଫେବୃଆରୀ ୪ ତାରିଖରେ ଜୁବୁଲି ପାର୍କ ପରିସରରେ ସକାଳ ୭.୩୦ ରୁ ୧୧.୩୦ ମିନିଟ ମଧ୍ୟରେ ଗ୍ରହଣ କରାଯିବ ।

# ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ସମାରୋହ ଦ୍ୱିତୀୟ ସନ୍ଧ୍ୟା



ରେମୁଣା,୩୦/୦୧ (ନି.ପ୍ର): ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା ଶ୍ରୀଧରସ୍ୱାମୀଙ୍କ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଆଚାର୍ଯ୍ୟ ବାମଦେବ ନନ୍ଦ, ମୁଖ୍ୟବକ୍ତା ମୁକୁନ୍ଦ କୃଷ୍ଣଜୀ ମହାରାଜ, ବୃନ୍ଦାବନ, ବରେଣ୍ୟ ଅତିଥି ପୂର୍ବତନ ଏ.ଡି.ଏମ୍, ମୁକୁନ୍ଦ ଚୈତନ୍ୟ ଦାଦସ, ସଭାପତି ଇସ୍କନ, ରେମୁଣା, ପ୍ରଦୀପ୍ତ ମହାନ୍ତି, ସାଧକ ଶ୍ରୀଧର ସ୍ୱାମୀ, ମହନ୍ତ ସଚ୍ଚିନ୍ଦ୍ର ଦାସ, ମନୋରଂଜନ ପୂଜାରୀ, ନେପାଳ ଆଶ୍ରମ, ସରୋଜକୁମାର ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଯୋଗୀନାଥ ମନ୍ଦିର, ଗବେଷକ ଶତ୍ରୁଘ୍ନ ମଲ୍ଲିକ, ସାକେତ ମହାନ୍ତି ଓ ମନୋରଂଜନ ମହାନ୍ତି, ସ୍ୱାଧ୍ୟାୟ ପରିବାର ପ୍ରମୁଖ ଯୋଗ ଦେଇ ଶ୍ରୀଧର ସ୍ୱାମୀଙ୍କର ଟୀକାର ତତ୍ତ୍ୱ, ଜୀବନ ଦର୍ଶନ ନୀତି ଆଦର୍ଶ ସଂପର୍କରେ ଆଲୋକପାତ କରି ତାଙ୍କ ମହନୀୟ ଗୁଣାବଳୀକୁ ଜୀବନରେ ପାଥେୟ କରିବାକୁ ପରାମର୍ଶ ଦେଇଥିଲେ । ସଂପାଦକ ହରେକୃଷ୍ଣ ପଣ୍ଡା ବିବରଣୀ ପାଠ କରିଥିବା ବେଳେ, ସାଂସ୍କୃତିକ ସଂପାଦକ ବିଜୟ କୁମାର ମହାକୁଡ଼ ସ୍ୱାଗତ ଭାଷଣ ଦେଇଥିଲେ । ମଞ୍ଚଆହ୍ୱାନ ଓ ଅତିଥି ପରିଚୟ ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପଢ଼ିଆରୀ ଦେଇଥିବାବେଳେ କମଳଲୋଚନ ପଣ୍ଡା, ସରପଞ୍ଚ ବଡ଼ପାଳ ଧନ୍ୟବାଦ ଜ୍ଞାପନ କରିଥିଲେ । ଗୁରୁକୁଳ ଶିକ୍ଷାକେନ୍ଦ୍ରର ଛାତ୍ରମାନେ ସ୍ୱାଗତ ନୃତ୍ୟ କରିଥିବାବେଳେ ମଙ୍ଗଳାଚରଣ ପାଠ କରିଥିଲେ ନୟନ କୁମାର ପଣ୍ଡା । ଏହି କାର୍ଯ୍ୟକ୍ରମକୁ ପରିଷଦ ସଦସ୍ୟ ପରିଚାଳନାରେ ସହାୟତା କରିଥିଲେ ।

# ସ୍ୱାଧୀନତା ସଂଗ୍ରାମରେ ସହିଦ ମାନଙ୍କ ପାଇଁ ନୀରବ ପ୍ରାର୍ଥନା

ଭଦ୍ରକ,୩୦/୦୧ (ନି.ପ୍ର): ସହିଦ ଦିବସ ପାଳନ ଅବସରରେ ପ୍ରତିବର୍ଷ ଜାନୁୟାରୀ ୩୦ ତାରିଖରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସହିଦ ମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥାଏ । ଚଳିତ ବର୍ଷ ପାଇଁ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏହି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ଜରୁରୀ କାଳୀନ ଅଧିକାରୀ ମନୋରମା ଜାଲି, ଏନ୍.ଆଇ.ସି.ର ବୈଷୟିକ ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅନୂପ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ପ୍ରମୁଖଙ୍କ ସହ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଏହି ପ୍ରାର୍ଥନା ସଭାରେ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମରେ ସହିଦ ମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।


**AFFIDAVIT**


An affidavit before the executive Magistrate Basudevpur, I Sri Nabaghan Mallick, aged about 44 year, S/o. Sanatan Mallick, At/Po.-Kismatkrushnapur, Ps.-Naikanidihi, Dist.-Bhadrak. Declare that In my LIC certificate my name has been mentioned as Nabakishore Mallick. But in my Aadharcard my name is Nabaghan Mallick. So my actually name is Nabaghan Mallick. That both the names Nabaghan Mallick & Nabakishore Mallick is same & one person. Henceforth I will be known as Nabaghan Mallick in all purpose.

**Nabaghan Mallick**

# ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ-୨୦୨୩ ଉଦ୍‌ଯାପିତ

ଭଦ୍ରକ,୩୦/୦୧ (ନି.ପ୍ର): ବିଶାଳ ମଞ୍ଚ ଓ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଦିନକୁ ଦିନ ଚମକ ସୃଷ୍ଟି କରିଚାଲିଥିବା ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ-୨୦୨୩ ମହା ସଫଳତାର ସହିତ ଆଜି ଉଦ୍‌ଯାପିତ ହୋଇଯାଇଛି। ୨୫ ତାରିଖରୁ ଉଦ୍‌ଘାଟିତ ଏହି ମହୋତ୍ସବ ପ୍ରଥମ ଦିନରୁ ହିଁ ନାମୀଦାମୀ କଳାକାର ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହାର ବିଶାଳ ଆୟୋଜନ ଚମକ ସୃଷ୍ଟି କରି ଆସିଥିବା ବେଳେ ଆଜିର ଉଦ୍‌ଯାପନୀ ଉତ୍ସବରେ ବଲିଉଡ୍ କଳାକାର ପଣ୍ଡ୍ରନଦୀପ, ଅରୁଣିତାଙ୍କ ସଙ୍ଗୀତ, ପ୍ରଜ୍ଞା ଓ ଶଙ୍କରଙ୍କ ଯୋଡ଼ି କମେଡ଼ି ତଡ଼କା ପାଇଁ ଷ୍ଟାଡିୟମ ଜନ ସମୁଦ୍ରରେ ପରିଣତ ହୋଇଥିଲା। ଏହିଭଳି ମହୋତ୍ସବ ପୂର୍ବରୁ କେବେ ଏ ଜିଲ୍ଲାବାସୀ ଦେଖି ନଥିଲେ ବୋଲି ସବୁରି ମୁଖରେ ଚର୍ଚ୍ଚାର ବିଷୟ ପାଲଟିଛି। ଉଦ୍‌ଯାପନୀ ସନ୍ଧ୍ୟାର ସାଧାରଣ ସଭାରେ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ଅଧ୍ୟକ୍ଷ ଜିଲ୍ଲା ପରିଷଦ ପ୍ରଫୁଲ୍ଲ କୁମାର ଜେନା, ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାକୁ ଉଦ୍‌ଘୋଷିକା ପିଙ୍କି ପରିଚାଳନା କରିଥିଲେ। ସ୍ମରଣିକା "ଭଦ୍ରାୟଣୀ-୨୦୨୩" ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହେବା ଅବସରରେ ସମ୍ପାଦନା ମଣ୍ଡଳୀର ସଦସ୍ୟ ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଅବସରପ୍ରାପ୍ତ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବହଳି, ଡ. କ୍ଷୀରୋଦ ସାମଲ, ପ୍ରଭାତନଳିନୀ ମହାପାତ୍ର ଓ ରାଧାରାଣୀ ମହାପାତ୍ର ଏବଂ ସଂଯୋଜକ ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ମଞ୍ଚରେ ଉପସ୍ଥିତ ଥିଲେ। ଅପରାହ୍ନରେ ଆଞ୍ଚଳିକ କାର୍ଯ୍ୟକ୍ରମରେ ଗାୟତ୍ରୀ କଳା ସଂଗଠନ ରାୟଗଡ଼ାର ଢେମ୍‌ସା ନୃତ୍ୟ, ସ୍ଥାନୀୟ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଘୋଡ଼ାନାଚ, ସାଇ ନୃତ୍ୟ ଏକାଡେମୀ ଦ୍ୱାରା ନବଦୁର୍ଗା ନୃତ୍ୟ, ନୃତ୍ୟ ଶିଳ୍ପୀ ଶୁଭ୍ରସ୍ମିତା ରାଉତଙ୍କ ଦ୍ୱାରା ଏକକ ସଙ୍ଗୀତ ପରିବେଷଣ ସହ ବିଭିନ୍ନ ସ୍କୁଲ ଦ୍ୱାରା ଖେଲୋ ଇଣ୍ଡିଆ, ପରୀ, ନାରୀକୁ ସମ୍ମାନ, ବିହୁ, ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ବନ୍ତ ବ୍ଲକର ତହସିଲଦାର ଅଙ୍କିତା ବାରିକ ଉଦ୍‌ଘୋଷିକା ଭାବେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବଲିଉଡ୍ କଳାକାର ପଣ୍ଡ୍ରନ୍‌ଦୀପ ଓ ଅରୁଣିତାଙ୍କ ମନମତାଣିଆ ସଙ୍ଗୀତ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରଜ୍ଞା ଓ ଶଙ୍କରଙ୍କ ଦମ୍‌ଦାର କମେଡ଼ି ତଡ଼୍‌କା ମତୁଆଲା କରିଥିଲା ଷ୍ଟାଡିୟମ୍‌ର ଅସୁମାରୀ ଦର୍ଶକଙ୍କୁ।

# କବୀ କଲ୍ୟାଣୀ ନନ୍ଦଙ୍କର କବିତାଗ୍ରନ୍ଥ 'ତୁମେ ଅଛ ତୁମେ ନାହଁ'ର ପାଠକାର୍ପଣ



ବାଲେଶ୍ୱର,୩୦/୦୧ (ନି.ପ୍ର): ସତ୍ ଓ ବିଶୁଦ୍ଧ ଜୀବନବୋଧ ପାଇଁ କବିତା ଏକ ଯୋଗାରୂଢ଼ ଭୂମି ତିଆରି କରିଥାଏ। ସେ ପ୍ରେରଣା ଦିଏ ଭୂମିରେ ଥାଇ ଭୂମାରେ ସଂଚରିତ ହେବା ପାଇଁ। ସେ ବିସ୍ତରି ଯାଏ, ଉଡ଼ାଣ ଭରେ, ଆବଶ୍ୟକସ୍ଥଳେ ମନ୍ଦ୍ର ମନ୍ଦାକିନୀର ଶୀତଳତା ପରଶେ ଏବଂ ସଂଗୀତର ମଧୁମୂର୍ଚ୍ଛନାରେ ଅନୁଭବୀର ବିରାଟ ବିଶ୍ୱ ନିର୍ମାଣ କରେ ବୋଲି ସୋମବାର ଶାନ୍ତିକାନନଠାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବୀ କଲ୍ୟାଣୀ ନନ୍ଦଙ୍କର ପଂଚମ କବିତା ପୁସ୍ତକ 'ତୁମେ ଅଛ ତୁମେ ନାହଁ'କୁ ଉନ୍ମୋଚନ କରି ବକ୍ତାମାନେ ଏଭଳି ମତ ପୋଷଣ କରିଥିଲେ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମାକାନ୍ତ ନାୟକ ଉନ୍ମୋଚକ ତଥା ମୁଖ୍ୟଅତିଥି ଭାବେ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ, ବିଶିଷ୍ଟ କବୀ ଦୀପ୍ତି ଦାସ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ କବୀଙ୍କର ରଚନା ଶୈଳୀ, ଶବ୍ଦ ସଂଯୋଜନା, ବିଭୁ ସମର୍ପିତ ଭାବ ଓ ସର୍ବୋପରି ଛାନ୍ଦସିକତାକୁ ଭୂୟସୀ ପ୍ରଶଂସା କରିଥିଲେ। ପରିଷଦର ପ୍ରାକ୍ତନ ସଂପାଦକ ଗାଳ୍ପିକ ନିବାରଣ ଜେନା ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ସହ-ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌କଥା ରଖିଥିବାବେଳେ ମନ୍ମଥକୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ କବି ହୁସେନ୍ ରବି ଗାନ୍ଧୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ତୃପ୍ତିରାଣୀ ପାତ୍ର, ଶାନ୍ତିଲତା ବିଶି, ପୁଷ୍ପଲତା ଚକ୍ରବର୍ତ୍ତୀ, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା ପ୍ରମୁଖ ସମୂହ ସଂଗୀତ ଗାନ କରିଥିବା ବେଳେ ମାହେଶ୍ୱରୀ ଦାସ ନୃତ୍ୟାଭିନୟ କରିଥିଲେ। ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର ଏବଂ ଅର୍ପିତା ବେହେରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣା ରାୟ, ଡ. ଶିରୀଶଚନ୍ଦ୍ର ଜେନା, ଯଶୋଧାରା ଦାସ, ମମତା ମହାପାତ୍ର, ଶରତଚନ୍ଦ୍ର ମହାପାତ୍ର, କ୍ଷିତୀଶ୍ୱର ଦାଶ, ଡା. କୁମାର ଗୋପାଳ, କାର୍ତ୍ତିକଚନ୍ଦ୍ର ସେଠୀ, ନୃସିଂହଚରଣ ନାୟକ, ଇଂ. ବିଜୟ କୁମାର ମହାନ୍ତି, କରୁଣଶକର ସ, ଡା. ଅଭିମନ୍ୟୁ କାନୁନ୍‌ଗୋ, ରମାକାନ୍ତ ମହାନ୍ତି, ପଦ୍ମଲୋଚନ ପ୍ରଧାନ, ସୁକୁମାର ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତା ନିର୍ବାଚନ ପାଇଁ ବିକ୍ରମ ପଣ୍ଡାଙ୍କ ପ୍ରସ୍ତୁତି ଆରମ୍ଭ

ବାଲେଶ୍ୱର,୩୦/୦୧ (ନି.ପ୍ର): ଯୁବନେତା ବିକ୍ରମ ପଣ୍ଡାଙ୍କ ସହଯୋଗୀ ଓ ସମର୍ଥକଙ୍କୁ ନେଇ ଏକ ବୁଥସ୍ତରୀୟ ସମ୍ମଳନୀ ସ୍ଥାନୀୟ ଫାଣ୍ଟାସି ହୋଟେଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପଣ୍ଡା ଏଥିରେ ଉପସ୍ଥିତ ରହି ବାଲେଶ୍ୱର ବିକାଶ ଧାରାର ମନ୍ଥର ଗତିକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ୨୪ ବର୍ଷ ଧରି ଚାଲିଥିବା ଏକକ ସରକାରଙ୍କର ବିକାଶ କେବଳ ପ୍ରଚାରରେ ସୀମିତ ରହିଥିବା ସେ ଆରୋପ କରିଥିଲେ। ବିଶେଷ କରି ସମସ୍ୟା ବହୁଳ ବାଲେଶ୍ୱର ପୌରାଞ୍ଚଳ ସମେତ ସଦର ନିର୍ବାଚନମଣ୍ଡଳୀରେ ଉନ୍ନୟନ ମୂକଳ କାର୍ଯ୍ୟ ହୋଇ ନ ପାରିବା, ବିଭିନ୍ନ ସରକାରୀ ଯୋଜନା ଅର୍ଥ ବାଟମାରଣା, ଯୋଗ୍ୟ ହିତାଧିକାରୀ ଚୟନରେ ଅନିୟମିତତା ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଜନସମସ୍ୟାକୁ ନେଇ ସେ ନିର୍ବାଚନ ଲଢ଼ିବେ ବୋଲି ଶ୍ରୀ ପଣ୍ଡା ଘୋଷଣା କରିଛନ୍ତି। ଦଳୀୟ ଟିକଟରେ ହେଉ କିମ୍ବା ସ୍ୱାଧୀନ ଭାବେ ସେ ଏହି ନିର୍ବାଚନରେ ନିଶ୍ଚିତ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବାଲେଶ୍ୱର ପୌରାଞ୍ଚଳର ୧ରୁ ୧୫ ନଂ ୱାର୍ଡ଼ର ସମର୍ଥକ ଓ ସହଯୋଗୀଙ୍କୁ ନେଇ ବୁଥସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଥିବା ବେଳେ ଆଗାମୀ ଦିନରେ ୧୬ରୁ ୩୧ ନଂ ୱାର୍ଡ଼ ସମେତ ସମଗ୍ର ସଦର ନିର୍ବାଚନମଣ୍ଡଳୀରେ ଏହି ସାଂଗଠନିକ ପ୍ରକ୍ରିୟା ଚାଲିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟକାମ ମହାନ୍ତି, ଚନ୍ଦ୍ରଶେଖର ହୋତା, ଆଲୋକ କୁମାର ଦାସ, ବିବେକାନନ୍ଦ ମହାନ୍ତି, ଜ୍ଞାନେନ୍ଦ୍ର ମହାନ୍ତି, ସାହିବା ଅକ୍ତର, ଚିତ୍ତରଂଜନ ନାୟକ, ମନୋହର ହୋସେନ, ହିତ୍ରିକ ନାୟକଙ୍କ ପ୍ରମୁଖ ସହଯୋଗୀମାନେ ଏଥିରେ ଉପସ୍ଥିତ ଥିଲେ।

# ବିଶିଷ୍ଟ କବି ଦିବ୍ୟସିଂହ ଦାସ ଅଧିକାରୀଙ୍କ ପରଲୋକ



ବାଲେଶ୍ୱର, ୩୦/୦୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ କବି ଦିବ୍ୟସିଂହ ଦାସ ଅଧିକାରୀଙ୍କର ପରଲୋକ ହୋଇଯାଇଛି । ତାଙ୍କର ପରଲୋକରେ ସମଗ୍ର ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି । ଘନିଷ୍ଠ ସମୟ, ସବୁଠି ଶୋଷ, ଏବେ ଏମିତି ପ୍ରଭୃତି ବହୁ ଉଚ୍ଚକୋଟିର କବିତା ପୁସ୍ତକ ରଚନା କରି ସେ ସାରସ୍ୱତ ସାମ୍ରାଜ୍ୟରେ ପାଠକ ଦରବାରରେ ଖୁବ୍ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ନିହାର କନ୍ୟ ସାହିତ୍ୟ ସଂସଦ, ରଙ୍ଗରାଗ ସାହିତ୍ୟ ସାଂସ୍କୃତି ପରିଷଦ, ଅବସର ସାହିତ୍ୟ ଅନୁଷ୍ଠାନ ଓ ଓଡ଼ିଶାର ଅନେକ ସାହିତ୍ୟ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । କବି ଦିବ୍ୟସିଂହ ଦାସ ଅଧିକାରୀଙ୍କ ବିୟୋଗରେ ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ପରଲୋକରେ ତିହିଡ଼ି ସାହିତ୍ୟ ସାଂସ୍କୃତିକ ପରିଷଦ, କାନ୍ତକବି ଲକ୍ଷ୍ମୀକାନ୍ତ ସାହିତ୍ୟ ପରିଷଦ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ବାଲେଶ୍ୱର, ଭଦ୍ରକ, ବାସୁଦେବପୁର, ତିହିଡ଼ି ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଓ ବିଭିନ୍ନ ବ୍ଲକର କବି ତଥା ସାହିତ୍ୟିକ ବନ୍ଧୁ କବି ଦିବ୍ୟସିଂହ ଦାସ ଅଧିକାରୀଙ୍କ ବିୟୋଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ବାଢ଼ିଛନ୍ତି । କବି ଦିବ୍ୟସିଂହ ଜଣେ ମିଷ୍ଟଭାଷୀ, ପରପୋକାରୀ ଓ ସରଳ ଚିନ୍ତାଧାରାର ବ୍ୟକ୍ତିତ୍ୱ ସହିତ ଜଣେ ଉଚ୍ଚକୋଟିର ସାହିତ୍ୟିକ ଭାବରେ ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ବିୟୋଗରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ପୂରଣ ହେବା ଅସମ୍ଭବ ।

# ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ପାଇବେ ରାଜ୍ୟ ସ୍ତରୀୟ କଳାକୃତି ପୁରସ୍କାର



ବସ୍ତା, ୩୦/୦୧ (ନି.ପ୍ର): ଓଡ଼ିଶା ସରକାରଙ୍କ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଓଡ଼ିଶା ହସ୍ତକଳା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଦ୍ୱାରା ରାଜ୍ୟସ୍ତରୀୟ ହସ୍ତକଳା ପୁରସ୍କାର ଘୋଷଣା କରାଯାଇଛି । ଏଥିରେ ବାଲେଶ୍ୱରର ପ୍ରବୀଣ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ଜଉକଳାରେ ଝରାଜ୍ୟସ୍ତରୀୟ କଳାକୃତି ପୁରଷ୍କାର ୨୦୨୧ଝ ପାଇବା ପାଇଁ ମନୋନୀତ ହୋଇଛନ୍ତି । ୨୦୦୫ ମସିହାରୁ ବାଲେଶ୍ୱରୀ ଜଉକଣ୍ଢେଇ ପୁନଃ ପ୍ରତିଷ୍ଠା କରିବା ପାଇଁ ସମର୍ପିତ ଶ୍ରୀମତୀ ଦାସ ନୂଆ ବାଲେଶ୍ୱରର କୋଶମ୍ବ ନଗରରେ ନିଜ ବାସଭବନରେ ଜଉକଣ୍ଢେଇ ଗଢ଼ିବା ସହ ୧୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ନୂତନ ଜଉକଣ୍ଢେଇ ଶିଳ୍ପୀ ସୃଷ୍ଟି କରିଛନ୍ତି । ରାଜ୍ୟ ଓ ରାଜ୍ୟ ବାହାରେ ବହୁ ଜଉକଣ୍ଢେଇ କର୍ମଶାଳାରେ ଯୋଗ ଦେଇଥିବା ବେଳେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ କରି ଜଉକଣ୍ଢେଇର ପ୍ରଚାର ପ୍ରସାର କରିଛନ୍ତି । ସ୍ୱାମୀ ଶିଳ୍ପୀ କେଶୁଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରେରଣାରେ ଜଉକଣ୍ଢେଇରେ ନୂଆ ନୂଆ କଳାକୃତି ଗଢ଼ିବା ସହ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି, ଜ୍ଞାନଶ୍ରୀ, କୁରୁଡା, ବାଲେଶ୍ୱରୀ କଳା କେନ୍ଦ୍ର, ଭୁବନେଶ୍ୱର ରୋଟାରୀ କ୍ଲବ ଇତ୍ୟାଦି ପ୍ରମୁଖ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି । ଆସନ୍ତା ୧ ତାରିଖରେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ୧୭ତମ ଜାତୀୟ ତୋଷାଳୀ ମେଳାରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ଓ ନଗଦ ଅର୍ଥରାଶି ପ୍ରଦାନ କରାଯିବ । ଖବର ପ୍ରକାଶ ପାଇବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବାଲେଶ୍ୱର କଳାକାର ଓ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା କରିଥିଲେ ।

## ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୩୦/୦୧ (ନି.ପ୍ର):: ଉଚ୍ଚ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ୨୦୨୨ ମସିହାରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଆଜିମାବାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଆରସିସି ବିକର୍ତ୍ତନ ନାୟକ ଓ ମିନତୀ କୁମାରୀ ନାୟକ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ, ଟୁକୁ ଆଶ, ମେନ୍ତ ସାହୁ, ଶିକ୍ଷୟିତ୍ରୀ ପଙ୍କଜିନୀ ପାତ୍ର, ସୁମତୀ ମିଶ୍ର, ସଂଧ୍ୟାରାଣୀ ବିଶ୍ୱାଳ, ଇନ୍ଦୁଲତା ବେହେରା, ମନ୍ଦାକିନୀ ସାହୁ ଓ କଳ୍ପନା ପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷକନେତା ମୁରଲୀଧର ନାୟକ ସଭାପତିତ୍ୱ କରିଥିଲେ। ସଂଘର ସଭାପତି ବିଶ୍ୱନାଥ ରଣା, ସାଧାରଣ ସମ୍ପାଦକ ଅମର କୁମାର ପଣ୍ଡା, ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସିଆରସିସି ସନ୍ୟାସୀ ଦାସ ଓ ସଙ୍ଗୀତା ରଥ ଉପସ୍ଥିତ ଥିଲେ।

# ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି ସମ୍ବର୍ଦ୍ଧିତ

ବାସୁଦେବପୁର, ୩୦/୦୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଓ ପ୍ରାବନ୍ଧିକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ବାଲେଶ୍ୱରର ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀରେ ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ପାଦକ ଦୀପକ ବୋଷ, ଡ. ସାରଙ୍ଗଧର ତ୍ରିପାଠୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କର ଜନ୍ମ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ । ଡ. ମହାନ୍ତିଙ୍କର ଅନେକ ଉଚ୍ଚକୋଟିର ଆଧ୍ୟାତ୍ମିକ ପୁସ୍ତକ ଓଡ଼ିଶାର ସାହିତ୍ୟ ଜଗତରେ ପାଠକ ଦରବାରରେ ଖୁବ୍ ପ୍ରଶଂସିତ ହୋଇଛି । ଏହି ଅବସରରେ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ବାଇଚଢ଼େଇ ସମ୍ପାଦକ କବି ବିକାଶ ଶତପଥି, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ଅଭିମନ୍ୟୁ ବେହେରା, କବି ସୁଧାଂଶୁ ଶେଖର ମିଶ୍ର, ଗାଳ୍ପିକ ସୁଦର୍ଶନ ସାମଲ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ।

# ତିହିଡ଼ି ଜନଶୁଣାଣି ଶିବିରରେ ୭୧ଟି ଅଭିଯୋଗ ଆଗତ



ଭଦ୍ରକ,୩୦/୦୧ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଆଜି ତିହିଡ଼ି ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୭୧ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଥି ମଧ୍ୟରେ ୬୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା ବେଳେ ୪ଟି ଗ୍ରାମ ସମ୍ବନ୍ଧୀୟ ସାମୂହିକ ସମସ୍ୟା ନେଇ ଅଭିଯୋଗ ଥିଲା । ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ତିହିଡ଼ି ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସନ୍ତୋଷ କୁମାର ପାତ୍ର, ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା, ତିହିଡ଼ି ବି.ଡ଼ି.ଓ. ଜ୍ୟୋତିପ୍ରକାଶ କର ଏବଂ ତହସିଲଦାର ପ୍ରତୀକ ସାହୁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍ ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ ।

## ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ଅର୍ଥ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩୦/୦୧ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ଅର୍ଥ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ନବବାବୁ ପଶ୍ଚିମ ଓଡ଼ିଶାର ଜଣେ ଆଗଧାଡ଼ିର ରାଜନୈତିକ ବ୍ୟକ୍ତିତ୍ୱ ଥିଲେ । ତାଙ୍କ ଆକସ୍ମିକ ବିୟୋଗ ରାଜ୍ୟ ରାଜନୀତିରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ କସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ମନ୍ତ୍ରୀ ନବ ଦାସଙ୍କ ବିୟୋଗରେ ସାମ୍ବାଦିକ ପରିବାର ଜଣାଇଲେ ଶ୍ରଦ୍ଧାଞ୍ଜଳି




ଉଦଳା,୩୦/୦୧ (ନି.ପ୍ର): କପ୍ତିପଦା ଉପଖଣ୍ଡରେ କାର୍ଯ୍ୟରତ ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବଦଳି ଦାବି କରି ସାମ୍ବାଦିକ ପରିବାର ପକ୍ଷରୁ କଳା ବ୍ୟାଚ ପରିଧାନ ଓ ପ୍ରତି ସୋମବାର ଦିନ ଉଦଳାସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାର ପର୍ବ ଅନୁଷ୍ଠିତ ହେଉଛି । ଆଜି ସୋମବାର ଥିବା ସ୍ୱତେ ପୂର୍ବଦିନ ପରି ସାମ୍ବାଦିକ ମାନେ ଏକତ୍ରୀତ ହୋଇଥିଲେ, କିନ୍ତୁ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ନବଦାସଙ୍କର ବିଗତ ରାତ୍ରୀରେ ବିୟୋଗ ଖବର ପ୍ରଚାରିତ ହୋଇଥିବାରୁ ଧାରଣାର ପର୍ବକୁ ସାମ୍ବାଦିକ ମାନେ ସ୍ଥଗିତ ରଖିବା ସହିତ କଳା ବ୍ୟାଚ ପରିତ୍ୟାଗ କରି ମନ୍ତ୍ରୀ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇବା ସହ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଥିଲେ

## ରାଜ୍ୟରେ ଗତ ୨୪ ଘଂଟାରେ ୫ ହଜାରରୁ ଅଧିକ କରୋନା ଟେଷ୍ଟ

ଭୁବନେଶ୍ୱର,୩୦/୦୧ (ନି.ପ୍ର): ରାଜ୍ୟରେ କରୋନାର ନୂଆ ମାମଲା ଲଗାତର ଭାବରେ କମିଚାଲିଛି । କରୋନା ଟେଷ୍ଟ କରିବା ପ୍ରକ୍ରିୟା ମଧ ପ୍ରତିଦିନ ଜାରି ରହିଛି । ଗତ ୨୪ ଘଂଟାରେ ପୁରା ରାଜ୍ୟରେ ସମୁଦାୟ ୫ ହଜାର ୪୬୯ ଜଣଙ୍କର କରୋନା ଟେଷ୍ଟ କରାଯାଇଅଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଟ୍ୱିଟର ସୂଚନା ଅନୁସାରେ ସୋମବାର ସକାଳ ସୁଦ୍ଧା ସମୁଦାୟ କରୋନା ଟେଷ୍ଟ ୩ କୋଟି ୪୪ ଲକ୍ଷ ୧୫ ହଜାର ୫୧୦ ରେ ପହଂଚିଛି ।

# ଆବାସ ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପାଇଁ ଭାଜପାର ଦାବି



ଉଦଳା,୩୦/୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୮-୧୯ ରେ ରାଜ୍ୟ ସରକାର ଯେଉଁ ହିତାଧିକାରୀଙ୍କ ନାମ ଘୋଷଣା କରିଛନ୍ତି ଏଥିରେ ବହୁ ଅଯୋଗ୍ୟ ହିତାଧିକାରୀ ଥିବାର ଅଭିଯୋଗ କରି ଭାରତୀୟ ଜନତା ପାର୍ଟି, ଉଦଳା ଶାଖା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ନିକଟକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଏକ ଦାବୀ ପତ୍ର ପ୍ରଦାନ କରିଥିବାର ଜଣା ଯାଇଛି । କେନ୍ଦ୍ର ସରକାର ପୂର୍ବରୁ ୧୮ଲକ୍ଷ ଏବଂ ବର୍ତ୍ତମାନ ୯ ଲକ୍ଷ ୫୮ ହଜାର ସମୁଦାୟ ୨୭ ଲକ୍ଷ ୫୮ ହଜାର ଘର ପ୍ରଦାନ କରିଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ତାଲିକାରେ ପାଖାପାଖି ୩ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଛି ବୋଲି ଏହି ଦାବୀ ପତ୍ରରେ ଉଲ୍ଲେଖ ରହିଛି । ଏହି ଦାବୀପତ୍ର ପ୍ରଦାନର ନେତୃତ୍ୱ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ନେଇଥିବା ବେଳେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି, ପୁର୍ବତନ କାଉନ୍‌ସିଲର ମମତା ସାହୁଙ୍କ ସମେତ ପାର୍ଟିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ବୈଠକ

ବାଲେଶ୍ୱର,୩୦/୦୧ (ନି.ପ୍ର): ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ବାଲେଶ୍ୱରରେ ପ୍ରାୟ ଏକ ବର୍ଷ ତଳେ ଗଠିତ କ୍ରିୟାନୁଷ୍ଠାନ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ବରିଷ୍ଠ ସଦସ୍ୟ ଲୋକନାଥ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର ଆବାହକ ଡକ୍ଟର କେଶବ ଚନ୍ଦ୍ର ପଣ୍ଡା ସମିତିର ସାଂଗଠନିକ ସ୍ଥିତି ଓ ଦାବି ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଉପସ୍ଥିତ ସଦସ୍ୟଙ୍କ ବିଶଦ ଆଲୋଚନା ପରେ ଆସନ୍ତା ମାସରେ କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ଉତ୍ତର ଓଡ଼ିଶାର କୃଷି ଓ କୃଷକର ସ୍ୱାର୍ଥରକ୍ଷା ପାଇଁ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ସ୍ମାରକପତ୍ର ପ୍ରଦାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥଇ ସହିତ ଆସନ୍ତା ମାର୍ଚ୍ଚ ୨୫ ତାରିଖରେ ସମିତିର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ ପାଇଁ ଆଜିର ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରେ ଗଠିତ କମିଟିକୁ ଅଧିକ ସୁଦୃଢ଼ କରିବା ଓ ସଭ୍ୟସଂଖ୍ୟା ବୃଦ୍ଧି ପାଇ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ଗୁରୁତ୍ୱାରୋପ କରିଛନ୍ତି। ହରନାରାୟଣ ମଣ୍ଡୁଆଳ, ଅଭୟ ଚନ୍ଦ୍ର ମିଶ୍ର, ଗୌରାଙ୍ଗ ପାଣିଗ୍ରାହୀ, ଭୂପତି କୁମାର ପାତ୍ର, ବିଜୟ କୁମାର ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo